# ୨ ବଖରା ଜଳିଗଲା

ରସୁଲପୁର, ୨୩।୩(ରଞ୍ଜିତ ରାଉତ): ରସୁଲପୁର ତହସିଲ ଅନ୍ତର୍ଗତ ରାଜେନ୍ଦ୍ରପୁର ପଞ୍ଚାୟତର ବାବନ ସାହୁଙ୍କ ଘରେ ଆକସ୍ମିକ ଅଗ୍ନିକାଣ୍ଡ ଘଟିଛି। ଏଥିରେ ତାଙ୍କର ୨ବଖରା ବାସଗୃହ ଜଳିଯାଇଛି। ଘରେ ଥିବା ଆସବାସପତ୍ର ପୋଡ଼ି ହୋଇଯାଇଛି। ପୋଡ଼ି ଯାଇଥିବା ସାମଗ୍ରୀ ମୂଲ୍ୟ ୫୦ହଜାର ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ରସୁଲପୁର ଦମକଳ ବାହିନୀ ସୂତ୍ରରୁ ଜଣାଯାଇଛି। ରବିବାର ଅପରାହ୍ନରେ ବାବନଙ୍କ ଘରେ ନିଆଁ ଲାଗିଥିବା ଦେଖାଯାଇଥିଲା। ତୁହାକୁ ତୁହା ବର୍ଷା ଓ କୋହଲା ପାଗ ଯୋଗୁ ବିପନ୍ନ ପରିବାରଙ୍କ ବାସଗୃହଟି ସଂପୂର୍ଣ୍ଣ ଜଳିବାରୁ ବର୍ତ୍ତି ଯାଇଥିଲା। ରସୁଲପୁର ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ନିଆଁ ଝୁଲପଡ଼ି ଘରେ କେତେକ ଜରୁରୀ ଡକ୍ୟୁମେଣ୍ଟ ସହ ୧୫ହଜାର ଟଙ୍କା ପୋଡି ଯାଇଥିବା ଅଭିଯୋଗ ହୋଇଛି। ଅଗ୍ନିକାଣ୍ଡର କାରଣ ଜଣା ପଡ଼ିନାହିଁ। ବିପନ୍ନ ପରିବାରକୁ ଅନ୍ତ୍ୟୋଦୟ ଗୃହ ଯୋଜନାରେ ସାମିଲ କରିବା ସହ ସରକାରୀ ସହାୟତା ପ୍ରଦାନ କରିବା ପାଇଁ ଦାବି ହୋଇଛି।

# ପୋକରା ଚାଉଳରେ ମଧ୍ୟାହ୍ନଭୋଜନ

### ସିଂହସାହି ସରକାରୀ ପ୍ରାଥମିକ ବିଦ୍ୟାଳୟ


ପୋକରା ଚାଉଳ।

ବରୀ, ୨୩।୩(ମହେନ୍ଦ୍ର ସ୍ୱାଇଁ): ବରୀ ବ୍ଲକ୍ ଅଧୀନ ମହକାଳପଡ଼ା ସିଂହସାହି ସରକାରୀ ପ୍ରାଥମିକ ବିଦ୍ୟାଳୟରେ ପୋକରା ଚାଉଳରେ ମଧ୍ୟାହ୍ନଭୋଜନ ପ୍ରସ୍ତୁତ କରାଯାଇ ଛାତ୍ରୀଛାତ୍ରଙ୍କୁ ଦିଆଯାଉଛି। ସେହିପରି ସୋୟାବିନ ତରକାରୀ ଅତିନିମ୍ନମାନର କରାଯାଉଛି। ତରକାରୀରେ ପାଣି ଭାସୁଛି। ଫଳରେ ପିଲାମାନେ ଏହାକୁ ଖାଇବାକୁ ନାପସନ୍ଦ କରୁଛନ୍ତି। ଅନ୍ୟପକ୍ଷରେ ବିଦ୍ୟାଳୟର କେତେଜଣ ଶିକ୍ଷୟିତ୍ରୀଶିକ୍ଷକ ନିଜ ପାଇଁ ସ୍ୱତନ୍ତ୍ର ଖାଦ୍ୟ ପ୍ରସ୍ତୁତ କରି ଖାଉଥିବା ଅଭିଯୋଗ ହୋଇଛି। ବରୀ ଶିକ୍ଷା ମଣ୍ଡଳ ଅଧୀନରେ ମଧ୍ୟାହ୍ନଭୋଜନ, ଶିକ୍ଷାଦାନ ଓ ପାରିପାର୍ଶ୍ୱିକ ଅବସ୍ଥାର ଅନୁଧ୍ୟାନ କରିବା ସହିତ ଆବଶ୍ୟକସ୍ଥଳେ ବେଆଇନ କାର୍ଯ୍ୟରେ ସମ୍ପୃକ୍ତ ଥିବା ଶିକ୍ଷୟିତ୍ରୀଶିକ୍ଷକଙ୍କ ବିରୋଧରେ ରିପୋର୍ଟ ପ୍ରଦାନ କରିବାକୁ ବିଭିନ୍ନ ମଣ୍ଡଳର ସିଆର୍‌ସିସିମାନଙ୍କୁ ଦାୟିତ୍ୱ ଦିଆଯାଇଛି। କିନ୍ତୁ ଦାୟିତ୍ୱରେ ଥିବା ସିଆର୍‌ସିସିମାନେ ସେମାନଙ୍କ ଦାୟିତ୍ୱ ଠିକ୍ ରୂପେ ପାଳନ କରୁନାହାନ୍ତି। ଫଳରେ ବିଭିନ୍ନ ବିଦ୍ୟାଳୟରେ ଏଭଳି ଅବସ୍ଥା ସୃଷ୍ଟି ହେଉଛି ବୋଲି ଅଭିଭାବକ ମତ ରଖିଛନ୍ତି। ତେଣୁ ଏ ଦିଗରେ ବରୀ ଶିକ୍ଷା ମଣ୍ଡଳ ଅଧିକାରୀ ସ୍ୱତନ୍ତ୍ର ଧ୍ୟାନ ଦେବାକୁ ସାଧାରଣରେ ଦାବି ହେଉଛି। ଏ ସମ୍ପର୍କରେ ପ୍ରତିକ୍ରିୟା ପାଇଁ ପ୍ରଧାନଶିକ୍ଷକ ଆନନ୍ଦଚନ୍ଦ୍ର ପୂର୍ତ୍ତିଙ୍କୁ ଫୋନ୍ ଯୋଗେ ଯୋଗାଯୋଗ କରାଯାଇଥିଲେ ତାହା ସମ୍ଭବ ହୋଇପାରିନାହିଁ । ବରୀ ଶିକ୍ଷା ମଣ୍ଡଳ ଅଧିକାରୀ ଭିକାରି ଚରଣ କବିଙ୍କୁ ପଚାରିବାରେ ସେ କହିଛନ୍ତି, ସିଆରସିସିମାନେ ବିଭିନ୍ନ କେନ୍ଦ୍ର ପରିଦର୍ଶନ କରି ଉନ୍ନତମାନର ମଧ୍ୟାହ୍ନ ଭୋଜନ ପ୍ରସ୍ତୁତି ପାଇଁ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିରେ ଯେଉଁମାନେ ବ୍ୟତୀକ୍ରମ କରିବେ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏବେ ଦେଖିବାକୁ ଅପେକ୍ଷା କେବେ ଏ ଦିଗରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି।

ସେଲ୍‌ଫି କର୍ନର ଧରିତ୍ରୀ
DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ଅରବିନ୍ଦ


@ ନାରାୟଣ


@ ସୂର୍ଯ୍ୟ


@ ତପନ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ସରିଲା କୁଆଖିଆ ମେଳଣ


କୁଆଖିଆ ମେଳଣରେ ସାମିଲ ଦୋଳ ବିମାନ ।

### ୩୫ ଦୋଳ ବିମାନ ସାମିଲ

ରସୁଲପୁର, ୨୩।୩(ରଂଜିତ ରାଉତ): ଯାଜପୁର ଜିଲା ରସୁଲପୁର ବ୍ଲକ୍‌ର ପ୍ରସିଦ୍ଧ ୪୭ତମ କୁଆଖିଆ ମେଳଣ ପାଗର ପ୍ରତିକୂଳ ପରିସ୍ଥିତିରେ ମହାସମାରୋହରେ ପାଳିତ ହେଇଯାଇଛି। ମେଳଣ ଶନିବାର ରାତିରେ ଆରମ୍ଭ ହୋଇ ରବିବାର ଅପରାହ୍ନରେ ଉଦଯାପିତ ହୋଇଛି। ଏଥିରେ ୩୫ ବିମାନ ଚତୁଃପାର୍ଶ୍ୱରେ ଦଣ୍ଡାୟମାନ ହୋଇ ଫଗୁ ଖେଳିଥିଲେ। ଠାକୁର୍ ବାଡ଼ିଆଙ୍କ ପକ୍ଷରୁ ବିମାନ ନିକଟରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ପ୍ରଥମେ ସ୍ଥାନୀୟ ସାରଙ୍ଗପୁର ଗ୍ରାମର ଶ୍ରୀଶ୍ରୀ ରାଧାକ୍ରିଷ୍ଣଜୀଉ ବିମାନ ଥାନପତି ଆସନ ଅଳଙ୍କୃତ କରିଥିଲେ। ପରେ ଅନ୍ୟ ସମସ୍ତ ବିମାନ ଏକତ୍ରିତ ହୋଇଥିଲେ। କମିଟି ପକ୍ଷରୁ ସେମାନଙ୍କ ନିକଟରେ ଭୋଗଲାଗି କରାଯିବା ପରେ ବିଦାୟ ଦିଆଯାଇଥିଲା। ମେଳଣ ପଡିଆରେ ମିନା ବଜାର ପଡ଼ିଥିଲା। ୫୦ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ମେଳଣକୁ ଆସିଥିଲେ। ସେମାନେ ମେଳଣ ଦେଖିବା ସହ ବିଭିନ୍ନ ସାମଗ୍ରୀ କିଣାକିଣି କରି ନେଇଥିଲେ। କୁଆଖିଆ ପୋଲିସ ପକ୍ଷରୁ ଶାନ୍ତିଶୃଙ୍ଖଳା ରକ୍ଷା କରାଯାଇଥିଲା।

# ମୋବାଇଲ ଲାଇଟରେ ରୋଗୀ ଚିକିତ୍ସା

### ଯାଜପୁରରୋଡ୍ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର

ଯାଜପୁରରୋଡ୍, ୨୩।୩ (ପବିତ୍ର ରଞ୍ଜନ ମହାନ୍ତି): ରାଜ୍ୟ ସରକାର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଗୁଡିକରେ ନିରବଚ୍ଛିନ୍ନ ବିଦ୍ୟୁତ ସେବା ପାଇଁ ଜେନେରେଟର ବ୍ୟବସ୍ଥା କରିଛନ୍ତି। ହେଲେ ଏହାର ସୁଫଳ ରୋଗୀଙ୍କୁ ମିଳୁନାହିଁ, ଯାହାର ଉଦାହରଣ ଦେଖିବାକୁ ମିଳିଛି ଯାଜପୁରରୋଡ୍ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ। ଶନିବାର ହାଉସିଂ ବୋର୍ଡ ଅଞ୍ଚଳର ପ୍ରଭାକର ମହାନ୍ତି ତାଙ୍କ ସ୍ତ୍ରୀଙ୍କୁ ଚିକିତ୍ସା ପାଇଁ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସିଥିଲେ। ରୋଗୀଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଖରାପ ଥିବାରୁ ଡାକ୍ତର ତାଙ୍କୁ ଆଡ୍‌ମିସନ କରିବା ସହ ଜରୁରୀ ଇଞ୍ଜେକେସନ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ସମୟରେ ଲାଇନ କଟିଯାଇଥିଲା। ଫଳରେ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ପୂର୍ଣ୍ଣ ଅନ୍ଧାର ହୋଇଯାଇଥିଲା। ସେଠାରେ ଥିବା ନର୍ସ ବହୁ ସମୟ ଅପେକ୍ଷା କରିବା ପରେ ବାଧ୍ୟ ହୋଇ ମୋବାଇଲ ଲାଇଟ ଜଳାଇ ଇଞ୍ଜେକେସନ ଦେଇଥିଲେ। ଏହାକୁ ନେଇ ପ୍ରଭାକର କ୍ଷୋଭ ପ୍ରକାଶ କରିବା ସହ ଅସନ୍ତୋଷ ବ୍ୟକ୍ତ କରିଛନ୍ତ। ସ୍ୱାସ୍ଥ୍ୟକେନ୍ଦ୍ରରେ ଜେନେରେଟର ଥିବା ବେଳେ କାହିଁକି ଚଳାଯାଉନାହିଁ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅନ୍ୟପକ୍ଷରେ ପ୍ରତିମାସରେ ଜେନେରେଟର ତେଲ ବାବଦକୁ ବିଲ ହେଉଥିବାବେଳେ ଲାଇନ ଉପରେ ଭରସା କରି ଅନ୍ଧାରରେ ରୋଗୀଙ୍କ ସେବା କରାଯାଉ ଥିବା ଅଭିଯୋଗ ହୋଇଛି। ଜେନେରେଟର ଚଳାଇବାକୁ କୌଣସି କର୍ମଚାରୀ ନ ଥିବାରୁ ସିକ୍ୟୁରିଟି ଗାର୍ଡମାନେ କେତେବେଳେ କେମିତି ଡାକ୍ତରଙ୍କ ନିର୍ଦ୍ଦେଶ ହେଲେ ଏହାକୁ ଚଳାନ୍ତି ବୋଲି ଜଣେ କର୍ମଚାରୀ ନିଜ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି। ଏ ସମ୍ପର୍କରେ ପ୍ରତିକ୍ରିୟା ପାଇଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଦାୟିତ୍ୱରେ ଥିବା ଡା. ଦେବାଶିଷ ସାହୁଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ ତାହା ସମ୍ଭବ ହୋଇ ପାରିନାହିଁ।


ମୋବାଇଲ ଲାଇଟ୍ ଜଳାଇ ରୋଗୀଙ୍କୁ ଇଞ୍ଜେକ୍ସନ ଦିଆଯାଉଛି।

# ବାଲିସାହି ମେଳଣ ଉଦ୍‌ଯାପିତ



ଜେନାପୁର, ୨୩।୩(ଅଶୋକ ଦାସ): ଧର୍ମଶାଳା ବ୍ଲକ ଅଧୀନ ବାଘୁଆ ବ୍ରାହ୍ମଣୀ ଦେବୀ ଆଞ୍ଚଳିକ ମେଳଣ କମିଟି ଆନୁକୂଲ୍ୟରେ ଆୟୋଜିତ ୫୩ତମ ବାଲିସାହି ମେଳଣ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଥାନାପତି ଭାବେ ମୁରାରୀପୁରର ମୁରଲୀଧରଜୀଉଙ୍କ ସମେତ ୧୦ରୁ ଊର୍ଦ୍ଧ୍ୱ ବିମାନ ସାମିଲ ହୋଇଥିଲେ। ବିମାନ ନେଇ ଆସିଥିବା ଶ୍ରଦ୍ଧାଳୁ ଭଜନ କୀର୍ତ୍ତନ କରି ବିମାନଗୁଡ଼ିକୁ ମେଳଣ ପଡ଼ିଆରୁ ମା' ବ୍ରାହ୍ମଣୀ ଦେବୀଙ୍କ ପୀଠ ପରିସରକୁ ଆଣିଥିଲେ। ସେଠାରେ ବିମାନଗୁଡ଼ିକୁ ଭୋଗ, ନୈବେଦ୍ୟ ସହ ଦକ୍ଷିଣା ଦିଆଯାଇଥିଲା। ମେଳଣରେ ଅତିଥି ଭାବେ ସାହିତ୍ୟିକା ମିନତି ସାହୁ ଯୋଗଦେଇ ବିଭୁକୃପା ଲାଭ କରିଥିଲେ। କମିଟି ସଭାପତି ବଟକୃଷ୍ଣ ପଣ୍ଡା, ସମ୍ପାଦକ କୃଷ୍ଣଚନ୍ଦ୍ର ସାହୁ, ବାଇଧର ସାହୁ, ପାଣ୍ଡବ ଚରଣ ବେହେରା, ରଘୁନାଥ ପ୍ରଧାନ, କୈଳାସ ଚନ୍ଦ୍ର ରାଉତ, ସୁଶାନ୍ତ ପ୍ରଧାନ, ରବୀନ୍ଦ୍ର ସ୍ୱାଇଁ, ପ୍ରତାପ ପ୍ରଧାନ, ପ୍ରଫୁଲ୍ଲ ସାହୁ, ପବିତ୍ର ସାହୁ, ଶତ୍ରୁଘ୍ନ ସାହୁଙ୍କ ସମେତ କମିଟିର ସମସ୍ତ ସଭ୍ୟ ମେଳଣ ପରିଚାଳନାରେ ସହଯୋଗ କରିଥିଲେ। ମେଳଣରେ ଶତାଧିକ ଶ୍ରଦ୍ଧାଳୁ ସମାଗମ ହୋଇଥିଲା। ଜେନାପୁର ଥାନା ପୋଲିସ ପକ୍ଷରୁ ଶାନ୍ତି ଶୃଙ୍ଖଳା ରକ୍ଷା କରାଯାଇଥିଲା।

# ରାହାସ ବିହାରୀଙ୍କ ଝୁଲଣ ଯାତ୍ରା

ଚଣ୍ଡିଖୋଲ, ୨୩।୩(ପ୍ରଦୀପ୍ତ କୁମାର ପୃଷ୍ଟି): ବଡ଼ଚଣା ବ୍ଲକ ଦେଉଳକୁର ଗ୍ରାମର ଆରାଧ୍ୟ ଦେବତା ଶ୍ରୀଶ୍ରୀ ରାହାସ ବିହାରୀ ଜୀଉଙ୍କ ଝୁଲଣ ଯାତ୍ରା ରବିବାର ଅନୁଷ୍ଠିତ ହୋଇଯାଇଛି। ଗତ ଦୋଳ ଦଶମୀରୁ ଜୀଉମାନଙ୍କୁ ପୂଜାର୍ଚ୍ଚନା କରାଯାଇ ଦୋଳ ମେଳଣ ପାଇଁ ସୁସଜ୍ଜିତ ବିମାନରେ ବିଜେ କରାଯାଇଥିଲା। ଭକ୍ତମାନେ ଦୋଳ ମଣ୍ଡପରେ ଦୋଳି ଖେଳାଇବା ପରେ ନୂତନ ପାଞ୍ଜି ପଢ଼ା ଯାଇଥିଲା। ଗ୍ରାମବାସୀ ଦୋଳ ମଣ୍ଡପରେ ଝୁଲଣ କରିବା ପରେ ଭୋଗ ଲାଗି କରାଯାଇଥିଲା। ଘଣ୍ଟ, ଶଙ୍ଖ, ବାଜା ବାଣ, ହରିବୋଲ ଓ ହୁଳହୁଳି ଧ୍ୱନିରେ ପରିବେଶ ପ୍ରକମ୍ପିତ ହୋଇଥିଲା। ଆଧ୍ୟାତ୍ମିକ ପରିବେଶରେ ଜୀଉ ମାନଙ୍କୁ ବରୁଣେଶ୍ୱର ପୋଖରୀ ନିକଟରେ ମହାସ୍ନାନ କରାଯାଇ ପୂଜାର୍ଚ୍ଚନା କରାଯାଇଥିଲା। ଏହାପରେ ମନ୍ଦିର ପ୍ରବେଶ କରାଯାଇଥିଲା।

# ବିରଜାକୃପା ସାହିତ୍ୟ ପରିବାରର ବାର୍ଷିକ ଉତ୍ସବ

ଯାଜପୁର ଟାଉନ, ୨୩।୩ (ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି): ଯାଜପୁରର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ବିରଜାକୃପା ସାହିତ୍ୟ ପରିବାରର ଚ଼ତୁର୍ଥ ବାର୍ଷିକ ଉତ୍ସବ ଯାଜପୁରଟାଉନ ମିଶନ ଶକ୍ତି ଭବନଠାରେ ପାଳିତ ହୋଇଯାଇଛି। କାର୍ଯ୍ୟକାରୀ ସଦସ୍ୟ ଭରତବନ୍ଧୁ ବିଶ୍ୱାଳଙ୍କ ସଭାପତିତ୍ୱରେ କବି ସମ୍ମିଳନୀ କରାଯାଇ ନିମନ୍ତ୍ରିତ କବିଙ୍କ ଦ୍ୱାରା କବିତା ପାଠ କରାଯାଇଥିଲା। ପ୍ରଥମ ଅଧିବେଶନରେ ଉପଦେଷ୍ଟା ବିନୋଦିନୀ ଦାଶ, ସାହିତ୍ୟିକ ଚିତ୍ତରଞ୍ଜନ ମହାନ୍ତି, ମୁଖ୍ୟବକ୍ତା ଭାବେ ଅନନ୍ୟା ସାହିତ୍ୟ ସଂସଦ କେନ୍ଦୁଝରର ସମ୍ପାଦକ ନାରାୟଣ ସେନାପତି ଯୋଗଦେଇ ବର୍ତ୍ତମାନର ସାହିତ୍ୟରେ ବିଭିନ୍ନ ମାର୍ଗ ଉପରେ ଆଲୋକପାତ କରିଥିଲେ। ବିଭୁତି ଭୂଷଣ ମହାପାତ୍ର, ସୀତାଂଶୁ ଯେନା, ସୁଶ୍ରୀ ମନୀଷା ରାଉତ ପ୍ରମୁଖ ଉପସ୍ଥିତ ରହି କବିତାର ସଂଯୋଜନା କରିଥିଲେ।

ଦ୍ୱିତୀୟ ଅଧିବେଶନରେ ସାହିତ୍ୟ ପରିବାରର ସଭାପତି ବିଦ୍ୟୁତପ୍ରଭା ମିଶ୍ରଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଚ଼ଳଚ଼ିତ୍ର ଅଭିନେତା ନାରାୟଣ ପତି, ସମ୍ମାନିତ ଅତିଥି ରୁପେ ପ୍ରୀତିନନ୍ଦା ରାଉତରାୟ, ବରେଣ୍ୟ ଅତିଥି ରୁପେ ବରଦା ପ୍ରସାଦ ମହାପାତ୍ର, ମୁଖ୍ୟବକ୍ତା ଭାବେ ଝାରସୁଗୁଡାର ଭାଗବତ ପ୍ରଚ଼ାରକ ପଣ୍ଡିତ ମଦନାନନ୍ଦ ସେଠ୍, ସମ୍ମାନିତ ବକ୍ତାଭାବେ ସବିତାରାଣୀ ବେହେରା, ମନୋରମା ପଣ୍ଡା ଯୋଗଦେଇଥିଲେ। ପ୍ରଥମେ ସଭାପତିଙ୍କ ସ୍ୱାଗତ ଭାଷଣ ପରେ ସଂଗଠନର ସଂପାଦକ ପ୍ରମୋଦ କୁମାର ନାୟକ ଅତିଥି ପରିଚ଼ୟ ପ୍ରଦାନ କରିଥିଲେ। ସମ୍ପାଦକ ବୈଦ୍ୟନାଥ ପଣ୍ଡା ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ସାହିତ୍ୟ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ବ୍ୟକ୍ତିଙ୍କୁ ଯାଜପୁରର ବିଶିଷ୍ଟ ସାହିତ୍ୟିକ ନବକିଶୋର ପଣ୍ଡା ସ୍ମୃତି ସମ୍ମାନ, ମହେନ୍ଦ୍ର ଯେନା ସ୍ମୃତି ସମ୍ମାନ ଏବଂ ଜଗତସିଂହପୁରର ଦିବଂଗତ କବି ସଦାନନ୍ଦ ମଲ୍ଲିକ ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା। ସଭାରେ ପରିବାର ଉପଦେଷ୍ଟା ବିଶେଶ୍ୱର ମାଝୀ ସଭା ପରିଚାଳନା କରିଥିଲେ। ଗାୟତ୍ରୀ ଦାଶ, ସ୍ନେହଲତା ବିଶ୍ୱାଳ, ଶ୍ରୀକାନ୍ତ ବେହେରା, ସୌଦାଗର ବିଶ୍ୱାଳ, ଉମେଶ ଯେନା, ଚିନ୍ମୟୀ ଦାଶ, ଅନୁସୟା ମଲ୍ଲିକ, ସତ୍ୟରଞ୍ଜନ ସ୍ୱାଇଁ, ଶିଶିର ଯେନା, ପ୍ରଫୁଲ୍ଲ କୁମାର ସାହୁ ସରୋଜିନୀ ପତି, ଦାମୋଦର ନାୟକ, ପ୍ରତାପ ରୁଦ୍ର ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ। ସହସମ୍ପାଦିକା ଅନୁପମା ରଣା ଧନ୍ୟବାଦ ଦେଇଥିଲେ।


ଉତ୍ସବରେ ଯୋଗଦେଇଥିବା ଅତିଥି ଓ କର୍ମକର୍ତ୍ତା।

# ରତ୍ନଗିରିରୁ ୫ମ ଶତାବ୍ଦୀର ପ୍ରାଚୀନ କୀର୍ତ୍ତିରାଜି ଆବିଷ୍କୃତ

ଚଣ୍ଡିଖୋଲ, ୨୩।୩ (ପ୍ରଦୀପ୍ତ କୁମାର ପୃଷ୍ଟି): ବିଶ୍ୱପ୍ରସିଦ୍ଧ ବୌଦ୍ଧ ପୀଠ ଯାଜପୁର ଜିଲାର ରତ୍ନଗିରି ନାମ ସାର୍ଥକ ହୋଇଛି। ପ୍ରାଚୀନ ରତ୍ନରେ ଭରପୂର ରତ୍ନଗିରିରୁ ମିଳୁଛି ବହୁ କୀର୍ତ୍ତିରାଜି। ଗତ ଡିସେମ୍ବରରୁ ପୁନଃ ଉତ୍‌ଖନନ କାର୍ଯ୍ୟ ଆରମ୍ଭ ହୋଇଛି। ଖନନ ସମୟରେ ଖ୍ରୀଷ୍ଟୀୟ ୫ମ ଶତାବ୍ଦୀର ଶିଳାଲେଖ ଓ ମୂର୍ତ୍ତି ମିଳିଛି। ଏହି ଉତ୍‌ଖନନବେଳେ ପର୍ଯ୍ୟାପ୍ତ ସଂଖ୍ୟକ ଅର୍ଘ୍ୟ ସ୍ତୁପ, ହାତୀ ପ୍ରତିମା, ମାଟିପାତ୍ର, ସ୍ତୁପ ମଧ୍ୟରେ ଖୋଦିତ ବଜ୍ରକାଳୀ ଦେବଦେବୀ ମୂର୍ତ୍ତି, ନିତ୍ୟବ୍ୟବହାର୍ଯ୍ୟ ମାଟିପାତ୍ର, ବୁଦ୍ଧଙ୍କ ଭଗ୍ନ ମୂର୍ତ୍ତି ସମେତ ପଥର ଖୋଦେଇ ଶିଳା ଆଦି ଆବିଷ୍କୃତ ହୋଇଥିବା ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥାର ପୁରୀ ସର୍କଲ ଅଧୀକ୍ଷକ ଡ. ଦିବାଶିଷ ବ୍ରଜ ସୁନ୍ଦର ଗଡ଼ନାୟକ ସୂଚନା ଦେଇଛନ୍ତି। ତାଙ୍କ ନେତୃତ୍ୱରେ ଏହି ଖନନ କାର୍ଯ୍ୟ ଚାଲିଛି। ଏଥିରେ ବହୁ ବିଶ୍ୱବିଦ୍ୟାଳୟର ଇତିହାସ ବିଭାଗ ଛାତ୍ର ଓ ଗବେଷକ ସାମିଲ ହୋଇଛନ୍ତି।

୧୯୫୮ରୁ ୬୦ ମଧ୍ୟରେ ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା ପକ୍ଷରୁ କୋଲକାତା ଶାଖାର ଅଧୀକ୍ଷକ ଡ. ଦେବଳା ମିତ୍ରଙ୍କ ନେତୃତ୍ୱରେ ପ୍ରଥମେ ଉତ୍‌ଖନନ କାର୍ଯ୍ୟ ଆରମ୍ଭ ହୋଇଥିଲା।


ରତ୍ନଗିରିରୁ ଆବିଷ୍କୃତ ହୋଇଥିବା କୀର୍ତ୍ତିରାଜି।

ଏକ ଦୀର୍ଘ ମିଆଦୀ ଉତ୍‌ଖନନରୁ ୨ ବୌଦ୍ଧ ମହାବିହାର, ଗୋଟିଏ ଏକପକ୍ଷ ମହାବିହାର, ଏକ କେନ୍ଦ୍ରୀୟ ସ୍ତୁପ, ଅସଂଖ୍ୟ ବୁଦ୍ଧ ମୂର୍ତ୍ତି ସହ ଅନ୍ୟାନ୍ୟ ବଜ୍ରଯାନୀ ବୌଦ୍ଧ ଦେବଦେବୀଙ୍କ ପ୍ରସ୍ତର, ବ୍ରୋଞ୍ଜର ମୃଣ୍ମୟୀ ମୂର୍ତ୍ତି ଆବିଷ୍କୃତ ହୋଇଥିଲା। ଏକାଧିକ ଶିଳାଲେଖ ସାଙ୍ଗକୁ ମହାବିହାରିୟ ମୋହରମାନ ଆବିଷ୍କୃତ ହୋଇଥିଲା। ଏହାକୁ ରତ୍ନଗିରି ମହାବିହାର ଆର୍ଯ୍ୟଭିକ୍ଷୁ ସଂଘ ନାମରେ ସାବ୍ୟସ୍ତ କରାଯାଇଛି ବୋଲି ଐତିହାସିକ ତଥା ବୌଦ୍ଧ ଗବେଷକ ହରିଶ ଚନ୍ଦ୍ର ପୃଷ୍ଟି ମତବ୍ୟକ୍ତ କରିଛନ୍ତି। ସେ କହିଛନ୍ତି, ଏହି ପୀଠ ଖ୍ରୀଷ୍ଟୀୟ ୫ମ ଶତାବ୍ଦୀ ସମୟରେ ବୌଦ୍ଧ ଧର୍ମାନୁରାଗୀ ଗୁପ୍ତ ସମ୍ରାଟ ନରସିଂହଗୁପ୍ତ ବାଲାଦିତ୍ୟ ନିର୍ମାଣ କରିଥିଲେ। ରତ୍ନଗିରିଠାରେ ଏକାଧାରରେ ବୌଦ୍ଧ ଧର୍ମର ପ୍ରମୁଖ ଶାଖା ପ୍ରଶାଖା ଯଥା-ହୀନଯାନ, ବଜ୍ରଯାନ ଓ ମହାଯାନର ଭୂସ୍ୱର୍ଗ ଥିଲା। ଯୋଗତନ୍ତ୍ରର ଉଚ୍ଚତର ଗବେଷଣା ପାଇଁ ରତ୍ନଗିରିକୁ ଦେଶବିଦେଶର ଛାତ୍ର ଆସୁଥିଲେ। ଦୀର୍ଘ ୧ ହଜାର ବର୍ଷ ପର୍ଯ୍ୟନ୍ତ ଏହାର ଗରିମା ବୃଦ୍ଧି ହୋଇଥିଲା। ଡ. ଦେବଳା ମିତ୍ର ଖନନ କରି ପ୍ରଥମେ ଲୋକ ଲୋଚନକୁ ଆଣିଥିଲେ। ରତ୍ନଗିରି ଆଉ କିଛି ଅଂଶ ଖନନ ହୋଇ ନ ପାରି ରହିଯାଇଥିଲା, ଯାହାକୁ ଅଧୀକ୍ଷକ ଭାବରେ ଗଡ଼ନାୟକ ଦାୟିତ୍ୱ ଗ୍ରହଣ କରିବା ପରେ ପୁଣି ଖନନ ଆରମ୍ଭ ହୋଇଛି। ନାଳନ୍ଦା ଓ ବିକ୍ରମଶିଳା ଭଳି ମାଟି ତଳେ ପୋତି ହୋଇ ରହିଥିବା ଏହି ଅବଲୁପ୍ତ ବୌଦ୍ଧ ବିଭବ ବହୁ ପ୍ରାଚୀନ। ଗବେଷଣାରତ ଛାତ୍ରୀଛାତ୍ର ଏହି ପ୍ରାଚୀନ କୀର୍ତ୍ତିରାଜିରୁ ବହୁ ତଥ୍ୟ ପାଇପାରିବେ ବୋଲି ଡା. ପୃଷ୍ଟି ମତ ପ୍ରକାଶ କରିଛନ୍ତି।

# ଜିଲାରେ ଜଙ୍ଗଲ ଅବକ୍ଷୟମୁଖୀ, ବନ୍ୟପ୍ରାଣୀ ଅସୁରକ୍ଷିତ

- ଅଧିକ ପ୍ରଭାବିତ ହେଉଛନ୍ତି ହରିଣ
- ଗ୍ରୀଷ୍ମଋତୁ ଆରମ୍ଭରୁ ବଢ଼ିଲାଣି ସମସ୍ୟା




ଧଳତଙ୍ଗଗଡ଼ ସଂରକ୍ଷିତ ଜଙ୍ଗଲରେ ହରିଣ ବୁଲୁଛନ୍ତି।

ଜଗତ୍ସିଂହପୁର, ୨୩।୩
(ପ୍ରମୋଦ କୁମାର ନାୟକ)

ଜଗତ୍ସିଂହପୁର ଜିଲାରେ ପ୍ରତିବର୍ଷ ସହସ୍ରାଧିକ ଚାରାରୋପଣ ହେଉଥିବା ଦର୍ଶାଯାଉଛି। ବନ ସଂରକ୍ଷଣ ସାଙ୍ଗକୁ ବନ୍ୟଜନ୍ତୁ, ସରୀସୃପ ଆଦିଙ୍କ ସୁରକ୍ଷା ପାଇଁ ପଦକ୍ଷେପ ନିଆଯାଉଥିବା କୁହାଯାଉଛି। ବିଶେଷକରି ବୃକ୍ଷ ଜରିଆରେ ସବୁଜ ବଳୟ ସୃଷ୍ଟି ଉପରେ ଗୁରୁତ୍ୱାରୋପ କରାଯାଉଛି। ବାସ୍ତବରେ କିନ୍ତୁ ଘୋଷଣା ତୁଳନାରେ କାମ ଆଶାଜନକ ହେଉ ନ ଥିବା ଅଭିଯୋଗ ହେଉଛି। ଜଙ୍ଗଲ ଅବକ୍ଷୟମୁଖୀ ହୋଇଚାଲିଛି। ବନ୍ୟପ୍ରାଣୀ ସୁରକ୍ଷିତ ମଣୁନାହାନ୍ତି। ସେମାନଙ୍କ ପାଇଁ ବନ ବିଭାଗ ସେଭଳି ଦାୟିତ୍ୱବାନ ଥିବା ଭଳି ଅନୁଭବ ହେଉନାହିଁ। ଅନ୍ୟପକ୍ଷରେ ଯେଉଁମାନେ ଜଙ୍ଗଲର ସୁରକ୍ଷା ଆବଶ୍ୟକ ବୋଲି ଜାଣନ୍ତି ସେମାନେ ଏଥିପ୍ରତି ଦାୟିତ୍ୱବାନ୍ ହେଉନାହାନ୍ତି। ନିଜର ବିଳାସପୂର୍ଣ୍ଣ ଜୀବନ ଅତିବାହିତ କରିବା ପାଇଁ ମୂଲ୍ୟବାନ ବୃକ୍ଷ କାଟି ନେଉଛନ୍ତି। ଅସାଧୁ ବନ କର୍ମଚାରୀ, ଜଙ୍ଗଲ ମାଫିଆଙ୍କ ସଲାସୁତୁରାରେ ପ୍ରତ୍ୟହ ଲକ୍ଷାଧିକ ଟଙ୍କାର ଗଛଚୋରା ଚାଲାଣ ହେଉଛି। ଅନ୍ୟପକ୍ଷରେ ସଚେତନତା ଚାଲିଥିଲେ ସୁଦ୍ଧା ତାହା ପର୍ଯ୍ୟାପ୍ତ ହେଉନାହିଁ। ମାର୍ଚ୍ଚ ୨୧ରେ ବିଶ୍ୱ ବନସଂରକ୍ଷଣ ଦିବସ ପାଳନ କରାଯାଇଥିଲେ ମଧ୍ୟ ଏହା କେବଳ ଔପଚାରିକତା ପାଇଁ କରାଯାଇଥିବା ଜଣାପଡ଼ିଛି।

ଜଗତ୍ସିଂହପୁର ଜିଲାରେ ଏହି ୧୦ ବର୍ଷ ମଧ୍ୟରେ ଜଙ୍ଗଲ ଅବକ୍ଷୟ ସାଙ୍ଗକୁ ବନ୍ୟଜନ୍ତୁଙ୍କ ସଂଖ୍ୟା ଯଥେଷ୍ଟ ହ୍ରାସ ପାଇଛି। ଜିଲାରେ ଧଳତଙ୍ଗଗଡ଼ ସଂରକ୍ଷିତ ଜଙ୍ଗଲ, ତିର୍ତ୍ତୋଲର କିଳିପାଳ, ଏରସମାର ସିଆଳି ଲୁଣା ଜଙ୍ଗଲ, କୁଜଙ୍ଗର ହେନ୍ତାଳ ବଣ, ବାଲିକୁଦାର ବେରୁହାଁ ଜଙ୍ଗଲ, ରଘୁନାଥପୁର ନୂଆଗାଁ ଅଗସ୍ତି ମୁନି ଆଶ୍ରମ ନିକଟ ଜଙ୍ଗଲ ସମେତ ସିଦ୍ଧବାରଙ୍ଗ ପୀଠକୁ ଲାଗି ଜଙ୍ଗଲ ରହିଛି। ଏସବୁ ଜଙ୍ଗଲରେ ବହୁ ମୂଲ୍ୟବାନ ବୃକ୍ଷ ସାଙ୍ଗକୁ ବନ୍ୟପ୍ରାଣୀ ରହିଛନ୍ତି। ଧଳତଙ୍ଗଗଡ଼ ଜଙ୍ଗଲକୁ ପର୍ଯ୍ୟଟନ କ୍ଷେତ୍ର ଭାବରେ ଗ୍ରହଣ କରାଯାଇଛି। ଏହା ହରିଣମାନଙ୍କ ଯୋଗୁ ବେଶ୍ ପରିଚିତ। ପ୍ରତ୍ୟହ ଶତାଧିକ ହରିଣ ଖାଦ୍ୟ ସଂଗ୍ରହ ପାଇଁ ଏଣେତେଣେ ବୁଲୁଥିବା ଖବର ପର୍ଯ୍ୟଟକମାନଙ୍କୁ ଆକର୍ଷିତ କରିଥାଏ। କେବଳ ଏତିକି ନୁହେଁ, ଧଳତଙ୍ଗଗଡ଼ ସଂରକ୍ଷିତ ଜଙ୍ଗଲରେ ବହୁ ସଂଖ୍ୟକ ଠେକୁଆ, ହେଟାବାଘ, ଝିଙ୍କ, ଶାଳିଆପତନି, କଟାସ, ବିଲୁଆ ଏବଂ ସରୀସୃପ ଆଦି ରହିଛନ୍ତି। ହେଲେ ସେମାନେ ଅସୁରକ୍ଷିତ। ବନ ବିଭାଗ ପକ୍ଷରୁ ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଉ ନ ଥିବାରୁ ଏହି ପ୍ରାଣୀଗୁଡ଼ିକ ବିପଜ୍ଜନକ ଅବସ୍ଥାରେ ଏଣେତେଣେ ବୁଲୁଛନ୍ତି। ବିଶେଷକରି ହରିଣଙ୍କ ନିରାପଦ ଖାଦ୍ୟ ସଂଗ୍ରହ ପାଇଁ ଏକ ମିଡୋ (ହରିଣଙ୍କ ଖାଦ୍ୟ ସଂଗ୍ରହ ପାଇଁ ଘାସ ଚାଷ) କରାଯିବା ଜରୁରୀ ଥିବାବେଳେ ତାହା ଏଯାଏ କରାଯାଇପାରିନାହିଁ। ହଂସୁଆର ଉତ୍ତର ପାର୍ଶ୍ୱରେ ଟ୍ରେନ୍ ଲାଇନ୍ ଯାଇଛି। ଅନେକ ସମୟରେ ହରିଣ ଏହି ଟ୍ରେନ୍ ଲାଇନ ଆଡ଼କୁ ଚାଲି ଯାଉଛନ୍ତି। ବେଳେବେଳେ ଏହି ଲାଇନ୍ ଅତିକ୍ରମ କଲାବେଳେ ଟ୍ରେନ୍ ଦୁର୍ଘଟଣାରେ ହରିଣଙ୍କ ମୃତ୍ୟୁ ହେଉଛି। କେବଳ ଏତିକି ନୁହେଁ, ଶିକାରୀ କୁକୁର ମଧ୍ୟ ହରିଣଙ୍କ ଯାତାୟାତ ସମୟକୁ ଜଗି ରହୁଛନ୍ତି। ଯେତେବେଳେ ହରିଣ ଖାଦ୍ୟ ଅନ୍ୱେଷଣରେ ବିଲ ଆଡ଼କୁ ମୁହାଁଉଛନ୍ତି ସେତେବେଳେ ଏହି କୁକୁର ଆକ୍ରମଣ କରୁଛନ୍ତି। ଅନେକ ସମୟରେ ମଧ୍ୟ କୁକୁର ହରିଣଙ୍କୁ ମାରି ଖାଇଯାଉଛନ୍ତି। ତେଣୁ ଜଙ୍ଗଲ ପାର୍ଶ୍ୱରେ ତାରବାଡ଼ (ସୋଲାର ଫ୍ୟାନ୍ସି) କରାଯିବା ପାଇଁ ଦାବି ହୋଇଆସୁଛି।

ଏ ସମ୍ପର୍କରେ ବରିଷ୍ଠ ନାଗରିକ ଚୈତନ୍ୟ ଚରଣ ଦାସ, ଅରଣ୍ୟ ଅଭିଯାନ ଆବାହକ ସନ୍ତୋଷ ପ୍ରଧାନଙ୍କ ସମେତ କେତେଜଣ ପରିବେଶବିତ୍ଙ୍କ କହିବା କଥା ହେଲା, ଖରାଦିନ ଜଙ୍ଗଲରେ ଥିବା ଏକାଧିକ ପୋଖରୀ ଶୁଖିଯାଏ, ଯେଉଁ କାରଣରୁ ବନ୍ୟପ୍ରାଣୀଙ୍କ ପାଇଁ ସମସ୍ୟା ଦେଖାଦିଏ। ଏହା ଭିତରେ ବର୍ଷତମାମ ଯେପରି ପାଣି ଗଚ୍ଛିତ ରହିପାରିବ ସେଥିପ୍ରତି ବିଭାଗ ଦାୟିତ୍ୱବାନ ହେବା ଦରକାର। ନିଆଁ ଦାଉରୁ ରକ୍ଷା କରିବା ପାଇଁ ଅଧିକ ଫାୟାର ଲାଇନ୍ ସୃଷ୍ଟି କରାଯାଉ। ଖରାଦିନେ କେନ୍ଦୁ, ଆମ୍ବ ଆଦି ଚୋରା ବ୍ୟବସାୟୀମାନଙ୍କ କବ୍ଜାକୁ ଚାଲିଯାଉଛି। ଏହାର ସୁରକ୍ଷା କରାଯାଉ। ପାରମ୍ପରିକ ବୃକ୍ଷ ଯଥା ସଇତା ଆମ୍ବ, ପୋଲାଙ୍ଗ, ବେତକୋଳି, ଭଇଁଚି କୋଳି, ଖିରିକୋଳି, ମିର୍ଜାକୋଳି ଏସବୁକୁ ସଂରକ୍ଷିତ କରିବା ସହ ପୁନରୁଦ୍ଧାର ପାଇଁ ବିଭାଗ ଅଧିକ ଦାୟିତ୍ୱ ନେଉ। ଜଙ୍ଗଲରେ ବେତ ଗଛ ଚୋରିକୁ ରୋକାଯାଉ। ଏହି ଜଙ୍ଗଲରେ ଥିବା ପର୍ଯ୍ୟାପ୍ତ ପରିମାଣର ମାଙ୍କଡ଼ା କେନ୍ଦୁ ସଂରକ୍ଷଣ କରାଗଲେ ମାଙ୍କଡମାନେ ଆଉ ଜନବସତିକୁ ଯିବେ ନାହିଁ। ସେମାନେ କେନ୍ଦୁ ଖାଇ ଜଙ୍ଗଲରେ ରହିବାକୁ ପସନ୍ଦ କରିବେ। ସେହିପରି କିଳିପାଳ ଜଙ୍ଗଲରେ ପର୍ଯ୍ୟାପ୍ତ ପରିମାଣର କଣ୍ଟା ବାଉଁଶ ସମେତ ଶାଗୁଆନ, ଆକାଶିଆ, ଝାଉଁ ଆଦି ଦେଖିବାକୁ ମିଳେ। କିନ୍ତୁ ଏସବୁ ଅବକ୍ଷୟମୁଖୀ। ସିଆଳି ଲୁଣା ଜଙ୍ଗଲରେ ଝାଉଁ, ଗୁଆଁ, ବନି ଆଦି ବୃକ୍ଷ ବହୁଳ ପରିମାଣରେ ରହିଛି। ଏହା ପର୍ଯ୍ୟଟନ କ୍ଷେତ୍ରର ମାନ୍ୟତା ପାଇଥିଲେ ସୁଦ୍ଧା ଏଥିପ୍ରତି ବିଶେଷ ଧ୍ୟାନ ଦିଆଯାଉନାହିଁ। ବେରୁହାଁ ଜଙ୍ଗଲ ସମେତ ଅନ୍ୟ ଜଙ୍ଗଲ ମଧ୍ୟ କ୍ଷତିଗ୍ରସ୍ତ ହେବାରେ ଲାଗିଛି।

ଏ ସମ୍ପର୍କରେ ଧଳତଙ୍ଗଗଡ଼ ପ୍ରସ୍ତାବିତ ସଂରକ୍ଷିତ ଜଙ୍ଗଲ ରେଞ୍ଜ ଅଫିସର ରାଜେନ୍ଦ୍ର କୁମାର ସାମନ୍ତରାୟ କହିଛନ୍ତି, ଯାହା ସବୁ ତ୍ରୁଟି ବିଚ୍ୟୁତି ରହିଛି ତା'ର ସମାଧାନ କରିବାକୁ ଉଦ୍ୟମ ଚାଲିଛି। ଏଥିସହ ଜଙ୍ଗଲ ଓ ବନ୍ୟପ୍ରାଣୀ ସୁରକ୍ଷା ଓ ଜୈବ ବିବିଧତା ସୃଷ୍ଟି ପାଇଁ ବିଭାଗ ଚେଷ୍ଟା କରୁଛି।

ସେଲ୍ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com



@ ଅରବିନ୍ଦ



@ ନାରାୟଣ



@ ସୂର୍ଯ୍ୟ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ମନମୋହିଲା ଓଡ଼ିଆ ନାଟକ 'ରେମୋ'

## ଜାତୀୟ ନାଟକ ମହୋତ୍ସବରେ ୨ ନାଟକ ମଞ୍ଚସ୍ଥ



ଓଡ଼ିଆ ନାଟକ 'ରେମୋ'ର ଏକ ଦୃଶ୍ୟ

ପାରାଦୀପ, ୨୩।୩(ଶରତ ରାଉତ)

ପାରାଦୀପସ୍ଥିତ ଜୟଦେବ ଭବନରେ କାନମାସ ଅନୁଷ୍ଠାନ ପକ୍ଷରୁ ଚାଲିଥିବା ୨୨ ତମ ଜାତୀୟ ନାଟକ ମହୋତ୍ସବରେ ରବିବାର ୨ଟି ନାଟକ ମଞ୍ଚସ୍ଥ ହୋଇଛି। ପ୍ରଥମେ ମଧ୍ୟପ୍ରଦେଶର ରଙ୍ଗସାଧକ କଳାକାରମାନଙ୍କ ଅଭିନୀତ ଓ ମନୋଜ କୁମାର ସୋନିଙ୍କ ନିର୍ଦ୍ଦେଶିତ ନାଟକ 'ସନ୍ ୨୦୨୫' ମଞ୍ଚସ୍ଥ ହୋଇଥିଲା। ଏହି

### ନିର୍ଭୟା ଭଳି ମାମଲା ମନେପକାଇଲା 'ସନ୍ ୨୦୨୫'

ନାଟକ ଅପରାଧ ପୃଷ୍ଠଭୂମି ଉପରେ ପର୍ଯ୍ୟବସିତ ଥିଲା। ନିର୍ଭୟା ମାମଲା ଭଳି ଘଟଣା ୨୦୨୫ରେ ବି ଚାଲିଛି ବୋଲି କଳାକାରମାନେ ଅଭିନୟ ମାଧ୍ୟମରେ ସାମାଜିକ ବାର୍ତ୍ତା ଦେଇଥିଲେ। ସେହିପରି ଦ୍ୱିତୀୟ ନାଟକ ଥିଲା 'ରେମୋ'। କୋରାପୁଟ ସାଂସ୍କୃତିକ ସୋସାଇଟି ଦ୍ୱାରା ଆୟୋଜିତ ଏବଂ ଯୋଗେନ୍ଦ୍ର ପ୍ରସାଦ ମହାନ୍ତିଙ୍କ ନିର୍ଦ୍ଦେଶିତ 'ରେମୋ' ନାଟକ ଅତ୍ୟନ୍ତ ରୋମାଞ୍ଚକର ଥିଲା। କୋରାପୁଟ କଡ଼ମଗୁମା ଅଞ୍ଚଳରେ ହଜାରରୁ ଅଧିକ ବର୍ଷ ଧରି ରହିଆସୁଛନ୍ତି ଜନଜାତି। ସେମାନଙ୍କ ସଂସ୍କୃତି ଓ ଐତିହ୍ୟ ସମାଜ ପାଇଁ ଏକ ରହସ୍ୟ। ଏହି ଆଦିମ ଅଧିବାସୀର ବଣ୍ଡା ଯୁବକମାନେ ତୀର ଚାଳନାରେ ସିଦ୍ଧହସ୍ତ। ସେଠାକୁ ଜଣେ ଶିକ୍ଷିତ ଯୁବକ ସ୍କୁଲ ଖୋଲିବା ପାଇଁ ଯାଇଛନ୍ତି। ତାଙ୍କୁ ବିରୋଧ ହେଉଛି। ପୁଣି ଧୀରେ ଧୀରେ ସେ ପିଲାଙ୍କୁ ପଢ଼ାଉଛନ୍ତି। ଇତି ମଧ୍ୟରେ ବଣ୍ଡା ଯୁବତୀ ଗୁଲଙ୍ଗ ପ୍ରେମରେ ପଡିଯାଇଛନ୍ତି। ଫଳରେ ଏହି ଅଧିବାସୀମାନେ ବିବାହ କରିବା ପାଇଁ ତାଙ୍କୁ ଚାପ ପକାଇଛନ୍ତି। ସେତେବେଳେ ଶିକ୍ଷକ ଜଣକ କହୁଛନ୍ତି ଯେ, ତୁମର ଯଦି ଆଧୁନିକ ଜୀବନଧାରା ଆସିବ ମୁଁ ବିବାହ କରିବି। ଏହି ସର୍ତ୍ତରେ ସେ ବିବାହ କରି ସମ୍ପୃକ୍ତା ଯୁବତୀଙ୍କୁ ବଦଳାଇବା ପାଇଁ ଚେଷ୍ଟା କରୁଛନ୍ତି। କିନ୍ତୁ କିଛି ଦିନ ପରେ ଶିକ୍ଷକ ଜଣକ ସେହି ପୁରୁଣା ସଂସ୍କୃତି ସହ ଜଡିତ ହୋଇ ବଦଳି ଯିବା ସହ ସେମାନଙ୍କ ଅଧିବାସୀ ପାଲଟି ଯାଇଛନ୍ତି। ଏହି ସନ୍ଧ୍ୟାରେ ଅତିଥିଭାବେ ବନ୍ଦର ଉପାଧ୍ୟକ୍ଷ ନୀଳାଭ୍ର ଦାସଗୁପ୍ତା ଉପସ୍ଥିତ ଥିଲେ।

# ସମସ୍ତ ହିତାଧିକାରୀଙ୍କୁ ୩୫୦୦ଟଙ୍କା ଦିଅ



ବୈଠକରେ ଯୋଗଦେଇଥିବା ଭତ୍ତା ବୃଦ୍ଧି ଅଭିଯାନର ନେତୃମଣ୍ଡଳୀ।

ପାରାଦୀପ, ୨୩।୩(ଶରତ ରାଉତ)

ରାଜ୍ୟ ସରକାର ନିର୍ବାଚନ ପୂର୍ବରୁ ଘୋଷଣା କରିଥିଲେ ଯେ, ସମସ୍ତ ଭତ୍ତା ହିତାଧିକାରୀଙ୍କୁ ମାସିକ ୩ ହଜାର ଟଙ୍କା ମିଳିବ। କିନ୍ତୁ ଏବେ ୭୯ ବର୍ଷରୁ ଉର୍ଦ୍ଧ୍ୱ ହିତାଧିକାରୀଙ୍କୁ ୩୫୦୦ ଟଙ୍କା ମିଳୁଛି। ଏଭଳି ପାତରଅନ୍ତର ବିରୋଧରେ ରାଜ୍ୟର ସମସ୍ତ ଭତ୍ତା ହିତାଧିକାରୀ ମାର୍ଚ୍ଚ ୨୮ରୁ ଆନ୍ଦୋଳନ କରିବେ। ଏନେଇ ଭତ୍ତା ବୃଦ୍ଧି ଅଭିଯାନ ପକ୍ଷରୁ ପାରାଦୀପ ଷଣ୍ଢକୁଦଠାରେ ଏକ ବୈଠକ ହୋଇଥିଲା। ଉକ୍ତ ବୈଠକରେ ଆନ୍ଦୋଳନ ପାଇଁ ପ୍ରସ୍ତୁତ ହେବାକୁ କୁହାଯାଇଛି। ଭତ୍ତା ବୃଦ୍ଧି ଅଭିଯାନର ରାଜ୍ୟ ସଭାପତି ବୃନ୍ଦାବନ ଦାସ ଆଜାଦ, ମହିଳା ନେତ୍ରୀ ପ୍ରେମଲତା ବାରିକ, ସୁଶାନ୍ତ ଶେଖର ସ୍ୱାଇଁ, ରବିନାରାୟଣ କର, ସୁଧାଂଶୁ ବାଇ ପ୍ରମୁଖ ସରକାରଙ୍କ ନୀତି ଉପରେ ଆଲୋଚନା

### ଭତ୍ତା ବୃଦ୍ଧି ଅଭିଯାନର ବୈଠକ

କରିଥିଲେ। ଷଣ୍ଢକୁଦ ବସ୍ତିର ୩ ଟି ୱାର୍ଡରେ ଥିବା ସମସ୍ତ ଭତ୍ତା ହିତାଧିକାରୀ ଏଥିରେ ସାମିଲ ହୋଇଥିଲେ। ଏ ସମ୍ପର୍କରେ ସଭାପତି ଆଜାଦ କୁହନ୍ତି, ରାଜ୍ୟରେ ଏବେ ୫୪ ଲକ୍ଷ ହିତାଧିକାରୀ ଅଛନ୍ତି। ସେମାନଙ୍କ ମଧ୍ୟରୁ ୭୯ ବର୍ଷରୁ ଉର୍ଦ୍ଧ୍ୱ ମାତ୍ର ୪ ଲକ୍ଷ ହିତାଧିକାରୀ ରହିଛନ୍ତି। ଅବଶିଷ୍ଟ ପ୍ରାୟ ୫୦ ଲକ୍ଷ ହିତାଧିକାରୀ ମାସିକ ମାତ୍ର ୧ ହଜାର ଟଙ୍କା ଲେଖାଏ ଭତ୍ତା ପାଉଛନ୍ତି। ବରିଷ୍ଠ ନାଗରିକ, ବିଧବା, ଭିନ୍ନକ୍ଷମମାନଙ୍କୁ ସରକାର ଏମିତି ଅଣଦେଖା କରିବା ଠିକ ନୁହେଁ। ଏଥିପାଇଁ ଆସନ୍ତା ୨୮ରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦେବାକୁ ବୈଠକରେ ନିଷ୍ପତ୍ତି ହୋଇଛି।

# ମୃତ, ଗୁରୁତର ବୁଲା ପ୍ରାଣୀଙ୍କୁ ଉଠାଇବାକୁ ଟ୍ରଲି ମିଳିଲା

କୁଜଙ୍ଗ, ୨୩।୩(ମନୋଜ ପ୍ରଧାନ)

କୁଜଙ୍ଗ ବ୍ଲକ ଅନ୍ତର୍ଗତ ପାରାଦୀପ ଗଡଗ୍ରାମ ଜଗତ୍ସିଂହପୁର ଜିଲାର ବୃହତ୍ ପଞ୍ଚାୟତ। ବଙ୍ଗୋପସାଗର ଉପକୂଳ ଓ ପାରାଦୀପ ବନ୍ଦର ଉପକଣ୍ଠସ୍ଥିତ ଏହି ପଞ୍ଚାୟତ ଦେଇ ଚଣ୍ଡିଖୋଲ–ପାରାଦୀପ ଜାତୀୟ ରାଜପଥ, କଟକ– ପାରାଦୀପ ରାଜ୍ୟ ରାଜପଥ, କଟକ – ପାରାଦୀପ ଟ୍ରେନ ଲାଇନ, ହରିଦାସପୁର – ପାରାଦୀପ ଟ୍ରେନ ଲାଇନ ଅତିକ୍ରମ କରିଛି। ଦ୍ରୁତ ଜନସଂଖ୍ୟା ବୃଦ୍ଧି ଓ ବହୁଳ ଯାନବାହନ ଚଳାଚଳ ସାଙ୍ଗକୁ ରାଜ ରାସ୍ତାରେ ଶହଶହ ସଂଖ୍ୟାରେ ବୁଲା କୁକୁର, ଗୋରୁ, ଷଣ୍ଢ ଅବାଧ ଚଳପ୍ରଚଳ କରୁଛନ୍ତି। ଅନେକ ସମୟରେ ଦୁର୍ଘଟଣା ଘଟି ଏହି ବୁଲାପ୍ରାଣୀମାନେ ଆହତ ଓ ଗୁରୁତର ହେଉଥିବାବେଳେ ବହୁ ସମୟରେ ସେମାନଙ୍କ ମୃତ୍ୟୁ ମଧ୍ୟ ଘଟୁଛି। ଫଳରେ ବହୁ ସମୟ ଧରି ରାସ୍ତା ଉପରେ ସେମାନଙ୍କ ମୃତଦେହ ପଡ଼ିରହୁଛି। ଏଥିଯୋଗୁ

### ଅସୁବିଧା ଭୋଗୁଥିଲେ ସାମାଜିକ କର୍ମୀ

ପରିବେଶ ପ୍ରଦୂଷଣ ମଧ୍ୟ ହେଉଛି। ଏହାକୁ ଦୃଷ୍ଟିରେ ରଖି ପାରାଦୀପଗଡର ସ୍ୱେଚ୍ଛାସେବୀ ପରିକ୍ଷିତ ତରାଇ ଘଟଣାସ୍ଥଳରେ ପହଞ୍ଚି ତୁରନ୍ତ ରାସ୍ତାରୁ ମୃତ ଜୀବଜନ୍ତୁଙ୍କୁ ଉଠାଇ ନେଇ ରାସ୍ତାକଡ଼ରେ ପୋତିବା ସହ ଆହତ ଓ ଗୁରୁତର ପ୍ରାଣୀଙ୍କ ଚିକିତ୍ସା କରି ଆସୁଛନ୍ତି। ମାତ୍ର ଏହି ମୃତ ଓ ଆହତ ପ୍ରାଣୀଙ୍କୁ ସ୍ଥାନାନ୍ତରଣ କରିବାପାଇଁ କୌଣସି ସୁବିଧା ନ ଥିବାରୁ ସେ ଅନେକ ସମୟରେ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏହାର ସମାଧାନ ପାଇଁ ସେ ସରପଞ୍ଚଙ୍କୁ ଅନୁରୋଧ କରିବାରୁ ସରପଞ୍ଚ ସସ୍ମିତା ବେହେରା ରବିବାର ତାଙ୍କୁ ଏକ ଟ୍ରଲି ପ୍ରଦାନ କରିଛନ୍ତି। ଏନେଇ ସାମାଜିକ କର୍ମୀ ତରାଇ ଖୁସିବ୍ୟକ୍ତ କରିଛନ୍ତି।

# ଜିଲା ସାମ୍ବାଦିକ ସଂଘର ସାଙ୍ଗଠନିକ ସମ୍ମିଳନୀ

ଜଗତ୍ସିଂହପୁର, ୨୩।୩
(ପ୍ରମୋଦ କୁମାର ନାୟକ)

।ରାଜ୍ୟ ସାମ୍ବାଦିକ ସଂଘ (ଏସ୍ୟୁଜେ) ସହବନ୍ଧିତ ଜିଲା ସାମ୍ବାଦିକ ସଂଘ (ଡିୟୁଜେ)ର ଚତୁର୍ଥ ବାର୍ଷିକ ସାଙ୍ଗଠନିକ ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଟାଉନ ହଲ୍ (ନିମାଇଁ ଭବନ) ପରିସରରେ ଆୟୋଜିତ ଏହି ସମ୍ମିଳନୀରେ ମୁଖ୍ୟ ଅତିଥିଭାବେ ଜଗତ୍ସିଂହପୁର ବିଧାୟକ ଅମରେନ୍ଦ୍ର ଦାସ, ମୁଖ୍ୟ ବକ୍ତା ଏସ୍ୟୁଜେ ରାଜ୍ୟ ସଭାପତି କୈଳାସ ଚନ୍ଦ୍ର ନାୟକ ଓ ସମ୍ମାନିତ ବକ୍ତାଭାବେ ଏସ୍ୟୁଜେ କାର୍ଯ୍ୟକାରୀ ସଭାପତି କୀର୍ତ୍ତିଚନ୍ଦ୍ର ସାହୁ ଯୋଗଦେଇଥିଲେ। ଡିୟୁଜେ ସଭାପତି ପ୍ରଶାନ୍ତ କୁମାର ରାଉତଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ସାମ୍ବାଦିକ କଲ୍ୟାଣ ପାଣ୍ଠି ଅଧ୍ୟକ୍ଷ ଗଗନ ବିହାରୀ ସାହୁ ସ୍ୱତନ୍ତ୍ର ଅତିଥି, ଜିଲା ପରିଷଦ ଅଧ୍ୟକ୍ଷ ମନୋଜ କୁମାର ଭୋଇ ବିଶିଷ୍ଟ ଅତିଥି ଓ ଏସ୍ୟୁଜେ ସାଧାରଣ ସମ୍ପାଦକ ପ୍ରଶାନ୍ତ କୁମାର ପାଢ଼ୀ ବିଶେଷ ଅତିଥି ଭାବେ ଯୋଗ ଦେଇଥିଲେ। ସେହିପରି ଜଗତ୍ସିଂହପୁର ପୌରାଧ୍ୟକ୍ଷା ଅର୍ଚ୍ଚନା ସିଂହ, ଏସ୍ୟୁଜେ ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟ ଚିନ୍ତାମଣି ପାଢ଼ୀ ଓ କଟକ ଜିଲା ସାମ୍ବାଦିକ ସଂଘ ସଭାପତି ରମେଶ ଚନ୍ଦ୍ର ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଏହି ଅବସରରେ ସଂଘ ପକ୍ଷରୁ କାର୍ଯ୍ୟରତ ଖବରଦାତାମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋକପାତ କରାଯାଇଥିଲା। ଏଥିସହ ସମାଜରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ପୂର୍ବତନ ପୌରାଧ୍ୟକ୍ଷ ମଧୁସୂଦନ ସାହୁ, କ୍ରିଷ୍ଣା ଦତ୍ତ ଓ ସୋମ୍ୟରଞ୍ଜନ ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଜିଲାର ଦିବଂଗତ ଖବରଦାତାମାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ପରେ କ୍ରୀଷ୍ଣା କଲଚରାଲ ଗ୍ରୁପ ପକ୍ଷରୁ ସ୍ୱାଗତ ସଂଗୀତ ପରିବେଷିତ ହୋଇଥିଲା। ବରିଷ୍ଠ ଖବରଦାତା ଶଶାଙ୍କଶେଖର ପଣ୍ଡା ଅତିଥି ପରିଚୟ ଓ ଡିୟୁଜେ ସାଧାରଣ ସମ୍ପାଦକ ଜ୍ୟୋତିରଞ୍ଜନ ପରିଡା ବାର୍ଷିକ ବିବରଣୀ ପାଠ କରିଥିଲେ। ଉତ୍ସବରେ ଏସ୍ୟୁଜେର ସଦସ୍ୟମାନଙ୍କୁ ମୁଖ୍ୟଅତିଥି ସଂଘ ପରିଚୟପତ୍ର ପ୍ରଦାନ କରିଥିଲେ। ଡିୟୁଜେ କାର୍ଯ୍ୟକାରୀ ସଭାପତି ତପନ କୁମାର ରାଉତରାୟ ଧନ୍ୟବାଦ ଦେଇଥିଲେ।

# କାଦୁଅ, ଖାଲଖମାରେ ପୂର୍ଣ୍ଣ ହାଟ ରାସ୍ତା

- ୭ ବର୍ଷ ହେବ ମରାମତି ହୋଇନାହିଁ
- ଅସୁବିଧା ଭୋଗୁଛନ୍ତି ୬୦ ଗ୍ରାମବାସୀ

ଏରସମା, ୨୩।୩ ( ଦୀପ୍ତି ଖଣ୍ଡୁଆଳ)



ଚଣ୍ଡପୁର– ବାଇଳ ହାଟ ରାସ୍ତାରେ ଏବେବି କାଦୁଅ ଜମି ରହିଛି।

ଏରସମା ବ୍ଲକ ଅନ୍ତର୍ଗତ ନୂଆଡ଼ିହି ପଞ୍ଚାୟତସ୍ଥିତ ଚଣ୍ଡପୁର– ବାଇଳ ହାଟ ରାସ୍ତାରେ କାଦୁଅ ଜମି ରହିଛି। ଏହି ରାସ୍ତାର ପୁନରୁଦ୍ଧାର ପାଇଁ ବାରମ୍ବାର ଅଭିଯୋଗ କରାଯାଇଥିଲେ ମଧ୍ୟ ବିଭାଗୀୟ ଅଧିକାରୀ ନିଦାବିଷ୍ଟ ପାଲଟିଛନ୍ତି। ଫଳରେ ଏହି ରାସ୍ତା ଉପରେ ନିର୍ଭର କରୁଥିବା ୬୦ ଗ୍ରାମର ଲୋକେ ଅସୁବିଧା ଭୋଗୁଛନ୍ତି। ଘଟଣାରୁ ପ୍ରକାଶ ଯେ, ୧୩ (ସି) କେନାଲ କଡ଼ ଦେଇ ନୂଆଡ଼ିହି ପଞ୍ଚାୟତର ଚଣ୍ଡପୁର ଗ୍ରାମରୁ ଏକ ରାସ୍ତା ବାଇଳ ହାଟଦେଇ ରାହାମା ବଜାରକୁ ସଂଯୋଗ କରିଛି। ଏହି ରାସ୍ତା ଉପରେ ବ୍ଲକ ଅନ୍ତର୍ଗତ ଜପା, କୁଞ୍ଜକୋଠି, ଭିତର ଅନ୍ଧାରି, ନୂଆଡ଼ିହି ପଞ୍ଚାୟତର ମହିମାଦେଇପୁର,ପାଟପୁର, ଜଳଉ, ମଲ୍ଲିପୁର, ନକେଇପୁର, ଭାଇଁଚ, ଦଶୀପୁର, ପାଇକସାହି, ଘଗେଡା, ରୂପାଖଣ୍ଡି, ବରହିକଣ, କିଆଡିଙ୍ଗରି ଆଦି ୪୦ ଗ୍ରାମର ଲୋକେ ଯାତାୟାତ ଲାଗି ନିର୍ଭରଶୀଳ। ଏଥିସହ କୁଜଙ୍ଗ ବ୍ଲକର ପୋତାନଈ ଓ ଗରେଇ ପଞ୍ଚାୟତର ପ୍ରାୟ ୨୦ ଗ୍ରାମର ଲୋକେ ରାସ୍ତା ଉପରେ ନିର୍ଭର କରନ୍ତି। ରାହାମା ଏକ ବ୍ୟବସାୟିକ ପେଣ୍ଠସ୍ଥଳ ହୋଇଥିବାରୁ ପ୍ରତିଦିନ ଲୋକେ ବିଭିନ୍ନ କାର୍ଯ୍ୟରେ ଏହି ରାସ୍ତା ଦେଇ ଯାତାୟାତ କରନ୍ତି। ଏଠାରେ ଥିବା କପିଳଚରଣ ଉଚ୍ଚ ବିଦ୍ୟାଳୟ ଓ ଏମ୍ଇ ବିଦ୍ୟାଳୟର ୪୦୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଏହି ରାସ୍ତାରେ ସ୍କୁଲ୍ ଯାଇଥାନ୍ତି।

ଏହି ବାଟ ଦେଇ ମଲ୍ଲିପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ରୋଗୀ ମଧ୍ୟ ଆସିଥାନ୍ତି। ଏରସମା ବ୍ଲକର ଉପରୋକ୍ତ ୪ ପଞ୍ଚାୟତର ଲୋକେ ଏରସମା ବ୍ଲକ କାର୍ଯ୍ୟାଳୟ, ଥାନା, କୋର୍ଟ, ତହସିଲ, ମେଡିକାଲକୁ ଏହି ବାଟ ଦେଇ ଯାଇଥାନ୍ତି। ଏହି ରାସ୍ତାର ଉତ୍ତର ଦିଗରେ ଥିବା ସାରଳା ମହାବିଦ୍ୟାଳୟ ଓ ଦକ୍ଷିଣ ପଟର ଶ୍ରୀଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟକୁ ବହୁ ଛାତ୍ରୀଛାତ୍ର ସାଇକେଲରେ ଯାତାୟାତ କରନ୍ତି। ମାତ୍ର ଏପରି ଏକ ଗୁରୁତ୍ୱପୂର୍ଣ୍ଣ ରାସ୍ତା ଦୀର୍ଘ ବର୍ଷ ହେବ ଅବହେଳିତ ଅବସ୍ଥାରେ ପଡ଼ିରହିଛି।

ଗତ ୨୦୧୮–୧୯ ଆର୍ଥିକ ବର୍ଷରେ ଏହି ରାସ୍ତା ପିଚୁ କରାଯାଇଥିଲା। ଏହାପରଠାରୁ ଦୀର୍ଘ ୭ ବର୍ଷ ହେଲା ଏହି ରାସ୍ତା ମରାମତି ହୋଇନାହିଁ। ଫଳରେ ଏହା ଖାଲଖମାରେ ପୂରିଯାଇଛି। ଗତ ବର୍ଷା ପରଠାରୁ ସେଠାରେ କାଦୁଅ ଜମି ରହିଛି। ଏପରିକି ଜରୁରିକାଳୀନ ପରିସ୍ଥିତିରେ ଆମ୍ବୁଲାନ୍ସ ଯିବାକୁ ରାଜି ହେଉନାହିଁ। ଗତ ୨୩।୧୧।୨୦୨୪ରେ ଏନେଇ ଜିଲାପାଳଙ୍କୁ ଓ ଗତ ୧୦।୩।୨୦୨୫ରେ ବିଡିଓଙ୍କୁ ଗ୍ରାମବାସୀ ଅଭିଯୋଗ କରିଥିଲେ। ମାତ୍ର ଏପର୍ଯ୍ୟନ୍ତ ମରାମତି ପାଇଁ କୌଣସି ପଦକ୍ଷେପ ନିଆଯାଇନାହିଁ। ତୁରନ୍ତ ଏହି ରାସ୍ତାକୁ ପୁନରୁଦ୍ଧାର କରିବା ପାଇଁ ଯୁବନେତା ସତ୍ୟ ରଞ୍ଜନ ରାଉତରାୟ, ଗଗନ ବିହାରୀ ବିଶ୍ୱାଳ, ଧୀରେନ୍ଦ୍ର ଦାସ, ପ୍ରାଣକୃଷ୍ଣ ନାୟକ, ବିଚିତ୍ର ମହାନ୍ତି, ସମୀର ଚନ୍ଦ୍ର ଦଳାଇ, ରତ୍ନାକର ନାୟକ, ଶିବ କୁମାର ଭୋଳ, ଧୀରେନ୍ଦ୍ର କୁମାର ସ୍ୱାଇଁ ପ୍ରମୁଖ ଦାବି କରିଛନ୍ତି। ନଚେତ ସେମାନେ ବାଧହୋଇ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

ଏ ସମ୍ପର୍କରେ ଗ୍ରାମ୍ୟ ଉନ୍ନୟନ (ଆରଡି) ବିଭାଗର ଏସ୍ଡିଓ ସୌଭାଗ୍ୟ କୁମାର ମହାପାତ୍ରଙ୍କୁ ପଚାରିବାରେ ଯେଉଁ ଠିକାଦାରଙ୍କୁ କାମ ଦିଆଯାଇଛି, ସେ ୫ ବର୍ଷ ପର୍ଯ୍ୟନ୍ତ ରାସ୍ତା ମରାମତି କରିବା କଥା। ଏନେଇ ତାଙ୍କୁ ୨ଥର ଅବଗତ କରାଯାଇଥିଲେ ମଧ୍ୟ ସେ କୌଣସି ପଦକ୍ଷେପ ନେଉନାହାନ୍ତି। ୨୦୨୫ ଡିସେମ୍ବରରେ ତାଙ୍କ କାର୍ଯ୍ୟକାଳ ଶେଷ ହେବା ପରେ ଅନ୍ୟ ଠିକାଦାରଙ୍କ ଦ୍ୱାରା ଉକ୍ତ ରାସ୍ତାର ପୁନରୁଦ୍ଧାର କରାଯିବ ବୋଲି ମହାପାତ୍ର କହିଛନ୍ତି।

# ରାଷ୍ଟ୍ରପତିଙ୍କ ପାଇଁ ଚଳଚଞ୍ଚଳ ଶ୍ରୀନୀଳମାଧବ ପୀଠ




ସଭାସ୍ଥଳ ଓ ନୀଳମାଧବ ମନ୍ଦିରର ସ୍ଥିତି ଅନୁଧ୍ୟାନ କରୁଛନ୍ତି ଜିଲାପାଳ, ଏସ୍‌ପି ଓ ଅନ୍ୟମାନେ।



ରାଷ୍ଟ୍ରପତିଙ୍କ ଗସ୍ତ ପାଇଁ ରହିଥିବା କାର୍‌କେଟ।



ରାଷ୍ଟ୍ରପତିଙ୍କ ପାଇଁ ପ୍ରସ୍ତୁତ ହୋଇ ରହିଥିବା ଲିଫ୍ଟ ସଂଲଗ୍ନ ରାସ୍ତା।

- ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି
- ୩୦ ପ୍ଲାଟୁନ୍ ଫୋର୍ସ ମୁତୟନ

**ନୟାଗଡ଼,୨୩।୩ (ଲୋକନାଥ ମିଶ୍ର)**

ସୋମବାର ନୟାଗଡ଼ ଜିଲାକୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏକ ଦିବସୀୟ ଗସ୍ତରେ ପ୍ରଥମ ଥର ପାଇଁ ଆସୁଛନ୍ତି। ସେ ଦିଲ୍ଲୀରୁ ସ୍ୱତନ୍ତ୍ର ବିମାନରେ ଆସି ଭୁବନେଶ୍ୱର ବିଜୁ ପଟ୍ଟନାୟକ ବିମାନ ବନ୍ଦରରେ ଓହ୍ଲାଇବେ । ସେଠାରୁ ହେଲିକ୍ୟାପ୍ଟରରେ ଆସି କଣ୍ଟିଲୋ ପଲଟନ ପଡ଼ିଆରେ ଅବତରଣ କରିବେ। ଅପରାହ୍ନ ୩.୨୨ରୁ ୩.୩୨ ମଧ୍ୟରେ ସେ କଣ୍ଟିଲୋସ୍ଥିତ ଜଗନ୍ନାଥ ସଂସ୍କୃତିର ଆଦିପୀଠରେ ଶ୍ରୀନୀଳମାଧବଜୀଉଙ୍କ ଦର୍ଶନ ଓ ପୂଜାର୍ଚ୍ଚନା କରିବାର କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ ସେ ଭାପୁର ବ୍ଲକର କାଳିଆପଲ୍ଲୀସ୍ଥିତ ଭାରତୀୟ ଶବର ସମାଜ ପ୍ରତିଷ୍ଠାନର ପ୍ରତିଷ୍ଠା ଦିବସ ଓ ଆଦିବାସୀ ସମୁଦାୟର ସମାବେଶରେ ଯୋଗ ଦେବେ। ପୁଣି ଆଦ୍ୟ ସେବକ ଶବରରାଜା ବିଶ୍ୱାବସୁଙ୍କ ଲଳିତ ମାଧବ କ୍ଷେତ୍ରକୁ ଗସ୍ତ କରିବାର କାର୍ଯ୍ୟକ୍ରମ ଅଛି। କାର୍ଯ୍ୟକ୍ରମ ଶେଷ ପରେ ଭୁବନେଶ୍ୱର ଫେରିବେ। ଏହି ଅବସରରେ କଣ୍ଟିଲୋ ମିନି ଷ୍ଟାଡିୟମରେ ୩ ହେଲିପ୍ୟାଡ୍ ନିର୍ମାଣ ହୋଇଛି। ରାଷ୍ଟ୍ରପତିଙ୍କ ଗସ୍ତ ପାଇଁ କଣ୍ଟିଲୋଠାରୁ କାଳିଆପଲ୍ଲୀ ପର୍ଯ୍ୟନ୍ତ ୩୦ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହୋଇଛନ୍ତି। ରବିବାର ଜିଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ, ଏସ୍‌ପି ଏସ୍ ସୁଶ୍ରୀ, ଏଡିଜି, ସେଣ୍ଟ୍ରାଲ ଆଇଜି, ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି ସ୍ଥିତି ଯାଞ୍ଚ କରିଥିଲେ। ଟ୍ରାଫିକ ଜାମ୍‌କୁ ଏଡାଇବା ପାଇଁ ବ୍ୟାପକ ପଦକ୍ଷେପ ନିଆଯାଇଛି।

ରାଷ୍ଟ୍ରପତିଙ୍କ ଗସ୍ତ ଯୋଗୁ କଣ୍ଟିଲୋଠାରୁ କାଳିଆପଲ୍ଲୀ ରାସ୍ତାର ରୂପରେଖ ବଦଳି ଯାଇଛି। ଏପରିକି କାଳିଆପଲ୍ଲୀକୁ ନୂଆ ରାସ୍ତା ନିର୍ମାଣ ହୋଇଛି। ପୁଣି ରାସ୍ତାରୁ ହମ୍ପ୍‌ସ ଉଠି ଯାଇଛି। ଏନେଇ ଜିଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ କହିଛନ୍ତି, ପ୍ରଶାସନ ପକ୍ଷରୁ ସବୁ ପ୍ରସ୍ତୁତି ଶେଷ ହୋଇଛି। ନୀଳମାଧବ ପୀଠର ଲିଫ୍ଟ କାର୍ଯ୍ୟ ୨ଦିନ ତଳେ କାର୍ଯ୍ୟକ୍ଷମ ହୋଇଛି। ରବିବାର ମୁଁ ନିଜେ ସେଥିରେ ଯାତାୟତ କରିଛି। ରାଷ୍ଟ୍ରପତି ଲିଫ୍ଟରେ ଯାଇ ଠାକୁରଙ୍କୁ ଦର୍ଶନ କରି ଫେରିବେ। ଅନ୍ୟପକ୍ଷେ ରାଷ୍ଟ୍ରପତି ନୀଳମାଧବ କ୍ଷେତ୍ରର କେଉଁ କେଉଁ ସ୍ଥାନକୁ ଯିବେ ସେନେଇ ମଧ ଆମେ ଅନୁଧ୍ୟାନ କରିଛୁ। କାଳିଆପଲ୍ଲୀରେ ମଧ୍ୟ ସବୁ ଯାଞ୍ଚ ଶେଷ ହୋଇଛି ବୋଲି କହିଛନ୍ତି। ନୀଳମାଧବ ପୂଜକ ସମାଜର ସଭାପତି ମନୋଜ କୁମାର ମିଶ୍ର କୁହନ୍ତି, ୭୮ ବର୍ଷ ପରେ ରାଷ୍ଟ୍ରପତି ନୀଳମାଧବ ପୀଠକୁ ଆସୁଥିବାରୁ ଆମେ ସମସ୍ତ ସେବାୟତ ଖୁସି ଅଛୁ। ରାଷ୍ଟ୍ରପତିଙ୍କୁ ସେବାୟତ ସଂଘ ପକ୍ଷରୁ ଉପଢ୍ୌକନ ଦିଆଯିବ। ସେହିପରି ମନ୍ଦିର ବିକାଶ ପାଇଁ ୫ ଦଫା ଦାବି ସମ୍ୱଳିତ ସ୍ମାରକପତ୍ର ଦେବୁ। ୫ଜଣ ସେବାୟତ ଲିଫ୍ଟ ପାଖରୁ ସମ୍ମାନର ସହ ରାଷ୍ଟ୍ରପତିଙ୍କୁ ପାଛୋଟି ଆଣି ମନ୍ଦିର ପରିକ୍ରମା କରାଇବୁ। ନୀଳମାଧବ ମନ୍ଦିର ଭିତରକୁ ୨ଜଣ ସେବାୟତ ରାଷ୍ଟ୍ରପତିଙ୍କ ସହ ଯାଇ ଶ୍ରୀଜୀଉଙ୍କ ଦର୍ଶନ କରାଇବେ।

# ଦଶପଲ୍ଲାରୁ ପୁରୀ ଚାଲିଲା ନାହିଁ ମେମୁ ଟ୍ରେନ୍

- ରେଲ୍‌ୱେର ଘୋଷଣା ଶୀତଳଭଣ୍ଡାରରେ
- ନୟାଗଡ଼ ନାଗରିକ ମଞ୍ଚ ପକ୍ଷରୁ ଆନ୍ଦୋଳନ ପାଇଁ ନିଷ୍ପତ୍ତି

**ନୟାଗଡ଼,୨୩।୩ (ଲୋକନାଥ ମିଶ୍ର)**




ରେଳବାଇର ଘୋଷଣା ଶୀତଳଭଣ୍ଡାରରେ ରହିଯିବାରୁ ନୟାଗଡ଼ ଜିଲାର ଦଶପଲ୍ଲାରୁ ପୁରୀ ମେମୁ ଟ୍ରେନ ଚାଲି ପାରୁନି ବୋଲି ଅଭିଯୋଗ ଉଠିଛି। ଏ ପରିପ୍ରେକ୍ଷୀରେ ନୟାଗଡ଼ ନାଗରିକ ମଞ୍ଚ ପକ୍ଷରୁ ଉଦ୍‌ବେଗ ପ୍ରକାଶ ପାଇ ଆନ୍ଦୋଳନ କରିବାକୁ ନିଷ୍ପତ୍ତି ନିଆଯାଇଛି। ଦଶପଲ୍ଲା ଠାରେ ଏକ ନୂତନ ରେଳ ଷ୍ଟେଶନ ଗତବର୍ଷ ଜାନୁଆରୀରୁ ଉଦଘାଟିତ ହେବା ପରଠାରୁ ଦଶପଲ୍ଲା ଏବଂ ଏହାର ଆଖପାଖ ଅଞ୍ଚଳରୁ ବହୁ ସଂଖ୍ୟକ ଯାତ୍ରୀ ପୁରୀକୁ ନିୟମିତ ଯିବା ଆସିବା କରୁଛନ୍ତି। ଖୁବ୍ କମ ଖର୍ଚ୍ଚରେ ଓ ଗୋଟିଏ ଦିନରେ ପୁରୀ ଯାଇ ସେଠାରେ ଶ୍ରୀଜଗନ୍ନାଥଙ୍କ ଦର୍ଶନ ସହିତ ସମୁଦ୍ରକୂଳ ବୁଲାବୁଲି ହୋଇ ପାରୁଥିବାରୁ ଶ୍ରଦ୍ଧାଳୁମାନଙ୍କ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଦଶପଲ୍ଲା ନିକଟ ଗଣିଆ, ଛାମୁଣ୍ଡିଆ, ବାଣିଗୋଛା, ଟାକେରା,କଳସଖମଣ ପରି ଅଞ୍ଚଳ ସହ ବୌଦ୍ଧ, ଚାରିଛକ, ମାଧପୁର ଆଦି ଅଞ୍ଚଳରୁ ଲୋକମାନେ ପ୍ରତ୍ୟହ ଭୁବନେଶ୍ୱର ଏବଂ ପୁରୀ ଯା'ଆସ କରୁଛନ୍ତି। ଦିନକୁ ଦିନ ଯାତ୍ରୀ ସଂଖ୍ୟା ବୃଦ୍ଧି ପାଇ ଚାଲିଥିବା ବେଳେ ପୁରୀକୁ ସ୍ୱତନ୍ତ୍ର ଭାବେ ମେମୁ ଟ୍ରେନ ଚଳାଚଳ କରିବା ପାଇଁ ନୟାଗଡ଼ ନାଗରିକ ମଞ୍ଚ ପକ୍ଷରୁ ରେଳ କର୍ତ୍ତୃପକ୍ଷଙ୍କ ନିକଟରେ ଦୀର୍ଘ ଦିନରୁ ଦାବି ହୋଇ ଆସୁଛି। ଏ ପରିପ୍ରେକ୍ଷୀରେ ୨୦୨୪ ଡିସେମ୍ବର ୧୪ରେ ପୂର୍ବତଟ ରେଳପଥ ପକ୍ଷରୁ ଚିଠିନଂ.୪୭୫ ମାଧ୍ୟମରେ ୨୦୨୫ ଜାନୁଆରୀ ମାସ ୧ରୁ ଦଶପଲ୍ଲା ପୁରୀ ମଧ୍ୟରେ ନୂତନ ମେମୁ ଟ୍ରେନ ଚଳାଚଳ ପରିବ ବୋଲି ସୂଚନା ଦିଆଯାଇଥିଲା। ସେହି ଅନୁସାରେ ଦଶପଲ୍ଲାରୁ ପୁରୀ ମଧ୍ୟରେ ଚଳାଚଳ କରୁଥିବା ଟ୍ରେନ ନଂ.୦୮୪୪୯ କୁ ବଦଳା ଯାଇ ମେମୁ ଟ୍ରେନ ନମ୍ବର ୬୮୪୪୯ ହେବ ବୋଲି ଚିଠିରେ ଉଲ୍ଲେଖ କରାଯାଇଥିଲା। ତେବେ ୨୦୨୫ ଜାନୁଆରୀ ୧ରୁ ଟ୍ରେନ ନମ୍ବର ବଦଳି ଯାଇଥିବା ବେଳେ ଟ୍ରେନ କିନ୍ତୁ ସେହି ପୁରୁଣା ଭାବେ ଚଳାଚଳ କରୁଛି। ଅନ୍ୟ ପକ୍ଷରେ ପୁରୀ ଯିବା ପାଇଁ ଦିନକୁ ଦିନ ଯାତ୍ରୀ ସଂଖ୍ୟା ଅହେତୁକ ଭାବେ ବୃଦ୍ଧି ପାଇ ଚାଲିଥିବା ବେଳେ ନୟାଗ ଜିଲା ପ୍ରତି ରେଳବିଭାଗର ବୈମାତୃକ ମନୋଭାବ ନେଇ ବେଶ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ଏଭଳିସ୍ଥଳେ ପୂର୍ବ ଘୋଷଣା ଅନୁସାରେ ଦଶପଲ୍ଲା-ପୁରୀ ମଧ୍ୟରେ ମେମୁ ଟ୍ରେନ ପ୍ରଚଳନ କରିବା ପାଇଁ ନୟାଗଡ଼ ନାଗରିକ ମଞ୍ଚ ପକ୍ଷରୁ ସଭାପତି ପ୍ରମୋଦ ପଟ୍ଟନାୟକ,ସମ୍ପାଦକ ଲକ୍ଷ୍ମୀଧର ସାହୁଙ୍କ ସମେତ ବିଭିନ୍ନ ସଙ୍ଗଠନ,ବୁଦ୍ଧିଜୀବୀ ତଥା ଜନସାଧାରଣଙ୍କ ପକ୍ଷରୁ ପୂର୍ବତଟ ରେଳ କର୍ତ୍ତୃପକ୍ଷଙ୍କ ନିକଟରେ ଦାବି କରାଯାଇଛି।

## ଓଡ଼ଗାଁରେ ଶହୀଦ ଦିବସ ପାଳନ

**ଓଡ଼ଗାଁ୨୩।୩ (ଆଦର୍ଶ କୁମାର ପଟ୍ଟନାୟକ)**

ନୟାଗଡ଼ ଜିଲ୍ଲା ଓଡ଼ଗାଁ ଏନଏସିରେ ରାଷ୍ଟ୍ରୀୟ ହିନ୍ଦୁ ସେନା ପକ୍ଷରୁ ରବିବାର ସହିଦ ଦିବସ ପାଳିତ ହୋଇଯାଇଛି।ଏହି ଅବସରରେ ଏକ ଶୋଭାଯାତ୍ରା ଓଡ଼ଗାଁ ରଘୁନାଥଙ୍କ ମନ୍ଦିରଠାରୁ ବାହାରି ସହିଦମାନଙ୍କ ଉଦ୍ଦେଶ୍ୟରେ ସ୍ଲୋଗାନ ଦେଇ ତହସିଲ କାର୍ଯ୍ୟାଳୟର ସାମ୍ନା ହେମାମାଳୀ ମନ୍ଦିରଠାରେ ପହଞ୍ଚିଥିଲା। କାର୍ଯ୍ୟକ୍ରମରେ ସୁଶାନ୍ତ କୁମାର ସାହୁ, ଅଚ୍ୟୁତାନନ୍ଦ ପଣ୍ଡା, ବ୍ରଜବନ୍ଧୁ ଆଚାରୀ, ରାଜେଶ ସେଠୀ, ହିମାଦ୍ରୀ କୁମାର ମହାରଣା, ମଙ୍ଗୁଳି ମୁଦୁଲି ପ୍ରମୁଖ ଅଂଶଗ୍ରହଣ କରିଥିଲେ।୧୯୩୧ ମସିହା ମାର୍ଚ୍ଚ ୨୩ ତାରିଖରେ ବର୍ତ୍ତମାନର ପାକିସ୍ତାନ ଲାହୋର ସେଣ୍ଟ୍ରାଲ ଜେଲରେ ଭଗତ୍ ସିଂ, ଶିବରାମ ରାଜଗୁରୁ, ଶୁଖଦେବଙ୍କୁ ଫାଶି ଦିଆଯାଇଥିଲା। ସହିଦ ସ୍ୱାଧୀନତା ସଂଗ୍ରାମୀଙ୍କ ସ୍ମୃତି ଉଦ୍ଦେଶ୍ୟରେ ମାର୍ଚ୍ଚ ୨୩ ତାରିଖକୁ ସହିଦ ଦିବସ ଭାବେ ପାଳନ କରାଯାଉଛି।

ସେଲ୍ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com



@ ଅରବିନ୍ଦ



@ ନାରାୟଣ



@ ସୂର୍ଯ୍ୟ



@ ତପନ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ବାଉଁଶିଆପଡ଼ାରେ ରାମ ଚରିତ ମାନସ ଯଜ୍ଞ

**ନୟାଗଡ଼,୨୩।୩ (ଲୋକନାଥ ମିଶ୍ର)**

ନୟାଗଡ଼ ବ୍ଲକର ବାଉଁଶିଆପଡା ବଳରାମପୁରରେ ଶ୍ରୀରାମ ଚରିତ ମାନସ ଯଜ୍ଞ ଗତ ୧୬ରୁ ଆରମ୍ଭ ହୋଇ ୨୧ରେ ଉଦ୍‌ଯାପିତ ହୋଇ ଯାଇଛି। ଏଥିରେ ବ୍ୟାସ ଭାବେ ପ୍ରଦୀପ୍ତ କୁମାର ବାହିନିପତି ଓ ପୁରୋହିତ ଭାବେ ନରସିଂହ କର ଯୋଗ ଦେଇଥିଲେ। କର୍ତ୍ତା ଭାବେ ଚତୁର୍ଭୂଜ ବରାଡ ଓ କର୍ମଚାର୍ଯ୍ୟ ଭାବେ ଚକ୍ରଧର ଷଡ଼ଙ୍ଗୀ ସାମିଲ ଥିଲେ। ଏହି ଅବସରରେ ପ୍ରତ୍ୟହ ସଂକୀର୍ତ୍ତନ, ସୂର୍ଯ୍ୟପୂଜା, ଦୀପଦାନ, ଆରତି, ପୂଜାବିଧି, ଘୃତାହୁତି, ପ୍ରବଚନ ଚାଲୁରହିଥିଲା।

## ଅବସରପ୍ରାପ୍ତ ଶିକ୍ଷକଙ୍କ ପରଲୋକ

**ଖଣ୍ଡପଡ଼ା,୨୩।୩ (ଅଜୟ କୁମାର ମହାରଣା)**

ଖଣ୍ଡପଡା ବ୍ଲକର ବନମାଳୀପୁର ପଞ୍ଚାୟତ ଅଧୀନ ପଥୁରିଆ ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ଅନନ୍ତ ଚରଣ ରଣା(୭୦)ଙ୍କ ରବିବାର ପରଲୋକ ହୋଇଯାଇଛି । ସ୍ୱର୍ଗତ ରଣା ଦୀର୍ଘ ମାସ ଧରି ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡ଼ିତ ଥିଲେ । ଜଣେ ଛାତ୍ର ବତ୍ସଳ ଶିକ୍ଷକ ଭାବେ ଜଣାଶୁଣା ସ୍ୱର୍ଗତ ରଣା ଭାପୁର ବ୍ଲକ ପ୍ରାଥମିକ ଶିକ୍ଷକ ସଂଘର ସଭାପତି ଭାବେ ଦୀର୍ଘ ବର୍ଷ ଧରି ଦାୟିତ୍ୱ ତୁଲାଇଥିଲେ । ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସଂପନ୍ନ ହୋଇଛି । ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକ ପ୍ରକାଶ ପାଇଛି।

## ସଂକଳ୍ପ ସାହିତ୍ୟ ସେବା ଅନୁଷ୍ଠାନର କବିତା ଆସର

**ଦଶପଲ୍ଲା,୨୩।୩ (ପ୍ରକାଶ କୁମାର ପାଣି)**

ରବିବାର ସ୍ଥାନୀୟ ରାଧାମୋହନ ଜୀୟୁ ହାଇସ୍କୁଲ ପରିସରରେ ସଂକଳ୍ପ ସାହିତ୍ୟ ସେବା ଅନୁଷ୍ଠାନ ଦଶପଲ୍ଲା ତରଫରୁ ଏକ କବିତା ଆସର ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନର ସଭାପତି ପ୍ରସନ୍ନ କୁମାର ଶତପଥିଙ୍କ ସଭାପତିତ୍ୱରେ ଆୟୋଜିତ କବିତା ଆସରରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ ଗୋପୀନାଥ ସାହୁ ଯୋଗଦାନ କରି କବି ଏବଂ କବିତା ଉପରେ ସାରଗର୍ଭକ ଭାଷଣ ଦେବା ସହ ସଂକଳ୍ପ ସାହିତ୍ୟ ସେବା ଅନୁଷ୍ଠାନ ତରଫରୁ ଆୟୋଜିତ ଏହି କବିତା ଆସରକୁ ପ୍ରଶଂସା କରିଥିଲେ। ଅନୁଷ୍ଠାନର ଉପସଭାପତି ତଥା ବରିଷ୍ଠ ନାଗରିକ ମଞ୍ଚର ସଭାପତି ପ୍ରାଣକୃଷ୍ଣ ବେହେରା କବିତା ପାଠ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କବି ପ୍ରଫୁଲ୍ଲ କୁମାର ମିଶ୍ର, ମହେଶ୍ୱର ବେହେରା, ଅଧ୍ୟାପକ ସରୋଜ କୁମାର ପଣ୍ଡା, ଗଙ୍ଗାଧର ପ୍ରଧାନ,ଅରୁଣ ଡାକୁଆ, ରବିନ୍ଦ୍ର ନାଥ ମିଶ୍ର, ବିରଞ୍ଚି ନାରାୟଣ କର, ମୁରଲୀଧର ମହାରଣା, ଏବଂ କିଶୋର ଚନ୍ଦ୍ର ଦଳହେରା ପ୍ରମୁଖ କବିତା ପାଠ କରିଥିଲେ। ଅନୁଷ୍ଠାନର ସମ୍ପାଦକ ପ୍ରକାଶ କୁମାର ପାଣି ଧନ୍ୟବାଦ ଅର୍ପଣ କରିଥିଲେ।




କବିତା ଆସରରେ ଯୋଗଦେଇଥିବା ଅତିଥି ଓ କବିବୃନ୍ଦ।

# ବଦଳୁନି ନୟାଗଡ଼ ଜିଲା ସଦର ମହକୁମାର ଚିତ୍ର

- ମାଷ୍ଟର ପ୍ଲାନ ଶୀତଳ ଭଣ୍ଡାରରେ, ସୌନ୍ଦର୍ଯ୍ୟ ବାଟବଣା
- ମଲ୍, ଲଜ୍, ହୋଟେଲକୁ ଅନୁକମ୍ପା
- ପାର୍କିଂ ବ୍ୟବସ୍ଥା ନ ଥିବାରୁ ସବୁବେଳେ ଟ୍ରାଫିକ୍ ଜାମ୍

**ନୟାଗଡ଼,୨୩।୩ (ଲୋକନାଥ ମିଶ୍ର)**

ପୁରୀରୁ ଅଲଗା ହୋଇ ସ୍ୱତନ୍ତ୍ର ଜିଲା ହେବା ପରେ ବି ନୟାଗଡ଼ ଜିଲା ସଦର ମହୁକୁମାର ଚିତ୍ର ବଦଳୁ ନାହିଁ। ଜିଲା ସଦର ମହକୁମାର ମାଷ୍ଟର ପ୍ଲାନ ନ ଥିବାରୁ ସହରର ସୌନ୍ଦର୍ଯ୍ୟ ବାଟବଣା ହୋଇ ଯାଇଛି। ଧିରେ ଧିରେ ଟ୍ରାଫିକ ସେବା ବିପର୍ଯ୍ୟସ୍ତ ହୋଇ ପଡୁଛି। ପାର୍କିଂ ବ୍ୟବସ୍ଥା ନ କରି ନୟାଗଡ଼-ଦଶପଲ୍ଲା, ନୟାଗଡ଼- ଖୋର୍ଦ୍ଧା, ନୟାଗଡ -ଶରଣକୁଳ, ନୟାଗଡ- ଖଣ୍ଡପଡା ରାସ୍ତାରେ ମାଳମାଳ ମଲ୍, ବ୍ୟାଙ୍କ, ଲଜ୍, ହୋଟେଲ ଖୋଲୁଛି। ପୁଣି ସହରର ବିଭିନ୍ନ ରାସ୍ତାରେ ମଧ ମଲ୍, ବ୍ୟାଙ୍କ, ଲଜ୍, ହୋଟେଲ ରହିଛି। ପାର୍କିଂ ବ୍ୟବସ୍ଥା ନ ଥାଇ କମର୍ସିଆଲ ପ୍ଲାନ ଆପ୍ରୁଭ ହେଉଛି କିପରି। ପୁଣି ଟ୍ରେଡ ଲାଇସେନ୍ସ କିପରି ଦିଆଯାଉଛି। ମଲ୍, ଲଜ୍, ହୋଟେଲ ଓ ବ୍ୟାଙ୍କକୁ ଆସୁଥିବା ଗ୍ରାହକ ରାସ୍ତା ଉପରେ ଯାନବାହାନ ରଖିବାରୁ ଟ୍ରାଫିକ ଜାମ୍ ହେଉଛି। ଏଣୁ ସହର ସାରା ସବୁ ଆଡେ ବିପର୍ଯ୍ୟସ୍ତ ଟ୍ରାଫିକ ସେବାରେ ସୁଧାର ଆସୁ ନାହିଁ।

ନୟାଗଡ଼ ସହର ଦେଇ ବଲାଙ୍ଗୀର-ଖୋର୍ଦ୍ଧା ୫୭ନଂ. ଜାତୀୟ ରାଜପଥ ଓ ୨୧ନଂ.ରାଜ୍ୟ ରାଜପଥ ଯାଇଛି। ୫୭ନଂ.ଜାତୀୟ ରାଜପଥର ପୂର୍ତ୍ତ ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ରାଜପଥ କଡରେ ମଲ ଖୋଲିଛି। ପୁଣି ନୟାଗଡ଼ ଖଣ୍ଡପଡ଼ା ରାସ୍ତାର ଆରଏମ୍‌ସି ମାର୍କେଟ ସମ୍ମୁଖରେ, ଓଡ଼ଗାଁ ରାସ୍ତାରେ ଅନୁରୂପ ଭାବେ ମଲ୍ ଖୋଲିଛି। ଓଡ଼ଗାଁ ଛକର ଷ୍ଟେଟବ୍ୟାଙ୍କ ରୋଡରେ ଦୁଇଟି ବଡ ମଲ୍ ଅଛି। ଏହି ମଲ୍‌କୁ ଆସୁଥିବା ଗ୍ରାହକମାନେ ରାସ୍ତା ଉପରେ ଯାନବାହାନ ରଖୁଛନ୍ତି। କୁମାରପୂର୍ଣ୍ଣିମା, ଦଶହରା, ଦୀପାବଳି, ଗଣେଶ ପୂଜା, ସାବିତ୍ରୀ ଅମାବାସ୍ୟା ପରି ବଡ ପର୍ବରେ ମଲ୍, ବ୍ୟାଙ୍କ, ଲଜ୍, ହୋଟେଲ ଯୋଗୁ ଜାତୀୟ ରାଜପଥ, ରାଜ୍ୟ ରାଜପଥ, ଜିଲା ସଡକ, ସହର ଭିତର ରାସ୍ତାରେ ଚାଲିକରି ଯାଇ ହେଉନି। ବାଇକ୍‌ରେ ଗଲେ ୨ମିନିଟ୍‌ର ରାସ୍ତାକୁ ଦେଢ଼ ଘଣ୍ଟାରୁ ୨ ଘଣ୍ଟା ଲାଗୁଛି। ସମସ୍ୟା ନେଇ ସମସ୍ତେ ଅବଗତ ଥିଲେ ବି କାର୍ଯ୍ୟାନୁଷ୍ଠାନ ଶୂନ।

ପ୍ରକାଶଯେ, ଜିଲା ସଦର ମହକୁମା ଓ ନୟାଗଡ ଜିଲାର ପ୍ରଥମ ମ୍ୟୁନିସିପାଲିଟି ହୋଇଥିଲେ ହେଁ ଅବ୍ୟବସ୍ଥା ହ୍ରାସ ବଦଳରେ ବଢ଼ି ଚାଲିଛି। ଡ୍ରେନ ଓ ରାସ୍ତା ଉପରେ ଦୋକାନ ଘର ଘର କରାଯାଇଛି। ପୁଣି ଯିଏ ଯେଉଁଠି ପାଇଲା ରାସ୍ତା ଓ ଡ୍ରେନକୁ ଅକ୍ତିଆର କରି ପନିପରିବା, ଫଳ, ଚପଲ, ଡ୍ରେସ ଦୋକାନ, ଡ୍ରେସ ଓ ଲୁଗା ସୋରୁମ ଖୋଲି ଚାଲିଛନ୍ତି। ଜିଲା ସଂସ୍କୃତି ଭବନ ପାଖରେ ଗୋଟିଏ ଲୁଗା ଓ ଅନ୍ୟଟି ଡ୍ରେସ ସୋରୁମ୍ ଅଛି। ଏହା ସମ୍ମୁଖରେ ବଲାଙ୍ଗୀର-ଖୋର୍ଦ୍ଧା ୫୭ ନଂ. ଜାତୀୟ ରାଜପଥ ଯାଇଛି। ରାଜପଥକୁ ଲାଗି ରହିଛି ଦୁଇଟି ସୋରୁମ୍। ଏହି ସୋରମ ଦୁଇଟିରେ ବର୍ଷ ତମାମ ଭିଡ। ସବୁବେଳେ ରାଜପଥ ଉପରେ ବାଇକ ଆଦି ଯାନବାହାନ ରହୁଛି। ତେବେ ଏହା କାହା ନଜରରେ ପଡୁନି। ମ୍ୟୁନିପାଲିଟି ଟିକସ ଆଦାୟ କରି ନିଜର ପାଣ୍ଠି ବଢ଼ାଇ ଚାଲିଛି। ତେବେ ମ୍ୟୁନିସିପାଲିଟିର ପାଣ୍ଠି ବଢୁ ଏହା କିଛି କର୍ମଚାରୀଙ୍କ ପାଇଁ ଭଲ ରୋଜଗାର ଦେଇଛି। ପୁରୁଣା ଜେଲଠାରୁ ପିଡବ୍ଲୁଡି ଲେନ୍, ଟ୍ରାଫିକ ଛକରୁ କଲେଜ ରାସ୍ତା ଓ ଖଣ୍ଡପଡ଼ା ରାସ୍ତାରେ ନାନା ପସରା ଦେଖିବାକୁ ମିଳୁଛି। ପୁଣି ମାଛ ଓ ମାଂସ ଦୋକାନ ରାସ୍ତାକ କଡ ଯାକ କରାଯାଇ ବିକ୍ରି ଚାଲିଛି। ରାସ୍ତାକୁ ଗୋରୁ ଗାଈ ନିଜ କବ୍‌ଜାରେ ରଖିଛନ୍ତି। ତେବେ ମାଳ ମାଳ କୁକୁର ଚିନ୍ତାର କାରଣ ପାଲଟିଛନ୍ତି। ଯାତ୍ରୀବାହୀ ବସ, ଟ୍ରକ, ଅଟୋ, କାର ଘଣ୍ଟା ଘଣ୍ଟା ଧରି ଏନଏସି ହାଇସ୍କୁଲ ଠାରୁ ଥାନା ଛକ, ଓଡ଼ଗାଁ ଓ ଖଣ୍ଡପଡା ରାସ୍ତାରେ ଅଟକି ରହୁଛନ୍ତି। ଜାତୀୟ ରାଜପଥ ହେଉକି ଜିଲା ସଡ଼କ ପୁରା ଟ୍ରାଫିକ ସେବା ବିପର୍ଯ୍ୟସ୍ତ ହୋଇ ପଡୁଛି।

ଏନେଇ ନୟାଗଡ଼ର ପୂର୍ବତନ ନଗରପାଳ ଭବାନୀ ଶଙ୍କର ଦାଶ କୁହନ୍ତି, ଜିଲା ସଦର ମହକୁମାରେ ବିପର୍ଯ୍ୟସ୍ତ ଟ୍ରାଫିକ ସେବାକୁ ସୁଧାରିବାକୁ ଜିଲା ପ୍ରଶାସନ, ପୌର ପ୍ରଶାସନ, ପୋଲିସ ଓ ଆଞ୍ଚଳିକ ପରିବହନ କାହାରି ନିଘା ନାହିଁ। ତେବେ ସବୁ ବିଭାଗ ଠିକରେ କାମ କରୁଥିବାର ଡିଣ୍ଡିମ ପିଟାଯାଉଛି। ଏନେଇ ଜିଲା କଂଗ୍ରେସ ସଭାପତି ରଣଜିତ୍ ଦାଶ କୁହନ୍ତି, କମର୍ସିଆଲ ପ୍ଲାନ ଆପ୍ରୁଭ ଓ ଟ୍ରେଡ ଲାଇସେନ୍ସ ଦେବା ସମୟରେ ମ୍ୟୁନିସିପାଲିଟି ଆଇନକୁ କଡାକଡି କରୁନି। ଯେଉଁମାନେ ଆଇନର ଗଳାବାଟ ଦେଖି ଖସି ଯାଉଛନ୍ତି। ସେମାନେ ବର୍ଷ ତମାମ ରାସ୍ତାରେ ଟ୍ରାଫିକ ସେବାକୁ ବିପର୍ଯ୍ୟସ୍ତ କରୁଛନ୍ତି। ମଲ୍, ଲଜ୍, ହୋଟେଲ ପ୍ରଭୃତି କମର୍ସିଆଲ ସଂସ୍ଥା ଉପରେ ଲଗାମ ଲଗାଇବା ଦରକାର। ସେମାନେ ଭଲ ରୋଜଗାର କରୁଛନ୍ତି। ତେବେ ମଲ୍, ବ୍ୟାଙ୍କ, ଲଜ୍, ହୋଟେଲ ମାଲିକମାନେ କାହିଁକି ପାର୍କିଂ ବ୍ୟବସ୍ଥା ନ କରିବେ ବୋଲି ସେ ଓଲଟା ପ୍ରଶ୍ନ କରିଛନ୍ତି।

# ଡିଏମ୍‌ଏଫ୍‌ର ଦୁରୁପଯୋଗ ବନ୍ଦ କରିବାକୁ ଦାବି

- ସୁକିନ୍ଦା ବିହନ ଫାର୍ମରେ ପିଜୁଳି ବଗିଚା କାମ
- ଏନ୍‌ଜିଓ ସହ ଚୁକ୍ତି ବାତିଲ ଦାବି

**ଯାଜପୁର, ୨୩।୩(ହର୍ଷବର୍ଦ୍ଧନ ବେହେରା)**

ଯାଜପୁର ଜିଲା ସୁକିନ୍ଦା ବିହନ ଫାର୍ମରେ ଜିଲା ଖଣିଜ ପ୍ରତିଷ୍ଠାନ(ଡିଏମ୍‌ଏଫ୍) ପାଣ୍ଠିରେ ଚାଲିଥିବା ପିଜୁଳି ବଗିଚା କାର୍ଯ୍ୟରେ ବ୍ୟାପକ ଅନିୟମିତତା ହେଉଥିବା ଅଭିଯୋଗ ହୋଇଛି। ଏହିମର୍ମରେ ଜିଲା ସିଭିଲ ସୋସାଇଟି ପକ୍ଷରୁ ଜିଲାପାଳଙ୍କ ହସ୍ତକ୍ଷେପ ଲୋଡ଼ାଯାଇଛି। ଅଭିଯୋଗ ଅନୁସାରେ ପିଜୁଳି ଫାର୍ମ କାର୍ଯ୍ୟ ପାଇଁ ଜିଲା ପ୍ରଶାସନ ପକ୍ଷରୁ ଆଇଜିଏସ୍ ନାମକ ଏକ ଏନ୍‌ଜିଓକୁ ଦାୟିତ୍ୱ ଦିଆଯାଇଛି। ଉକ୍ତ ଏନ୍‌ଜିଓ ସ୍ଥାନୀୟ ଶ୍ରମିକ ବର୍ଗଙ୍କୁ ଉପେକ୍ଷା କରୁଛି। ଉଦ୍ୟାନ ବିଭାଗ ଅଧୀନରେ ମୂଳଖମ୍ଭ, ଦାମୋଦରପୁରଠାରୁ ବୋତଲଣ୍ଡା ପର୍ଯ୍ୟନ୍ତ ପିଜୁଳି ଫାର୍ମର ପରିକଳ୍ପନା କରାଯାଇଛି। ପୂର୍ବରୁ ଉକ୍ତ ଜମି ଉପରେ କେନ୍ଦୁ ଗଛଗଡ଼ିକୁ ମେଶିନ ଲଗାଇ ସଫା କରାଯାଇଥିଲା। ତେବେ ଜଙ୍ଗଲ କିସମ ଜମି ଉପରେ ଏହି ପିଜୁଳି ଫାର୍ମ ହେଉଥିବାରୁ ମାମଲା ନ୍ୟାଶନାଲ ଗ୍ରୀନ୍ ଟ୍ରିବୁନାଲ (ଏନ୍‌ଜିଟି) ପର୍ଯ୍ୟନ୍ତ ଯାଇଥିଲା।


ସୁକିନ୍ଦା ଫାର୍ମ ହାଉସ୍‌ରେ ହୋଇଥିବା ପିଜୁଳି ଚାଷ।

ସୂଚନାଯୋଗ୍ୟ, ଯାଜପୁର ଜିଲା ସୁକିନ୍ଦା ତହସିଲ ଦାମୋଦରପୁର, ବୋତଲଣ୍ଡା ଓ କରଗୋଳା ମୌଜା ଅଞ୍ଚଳରେ ୩୭୭.୮୩ ଏକର ପତରା ଓ ଶାଳ ଜଙ୍ଗଲ କିସମ ଜମିରେ ପିଜୁଳି ବଗିଚା କରିବାକୁ ୯.୭୫ କୋଟି ଟଙ୍କା ମଞ୍ଜୁର ହୋଇଥିଲା। ଏଥିରେ ଜିଲା ଉଦ୍ୟାନ ବିଭାଗ ପକ୍ଷରୁ ପିଜୁଳି ବଗିଚା ଆରମ୍ଭ ହୋଇଥିଲା। ୧୯୪୮ରେ ମେଗା ନର୍ସରୀ ପାଇଁ ପ୍ରସ୍ତାବିତ ଏହି ଜମିକୁ କୃଷି ବିଭାଗକୁ ମିଳିଥିଲା। ୧୯୯୨ରେ ୩୨୭.୬ ହେକ୍ଟର ଜମି କୃଷି ବିଭାଗଠାରୁ ଉଦ୍ୟାନ ବିଭାଗକୁ ହସ୍ତାନ୍ତର କରାଯାଇଥିଲା। ସେତେବେଳେ ସେଠାରେ କାଜୁ ବଗିଚା ହୋଇଥିଲା। ୧୯୯୯ ବାତ୍ୟାରେ କାଜୁ ବଗିଚା ସହ ଅନ୍ୟାନ୍ୟ ଗଛସବୁ ନଷ୍ଟ ହୋଇଯାଇଥିଲା। ଏହାପରେ ସେଠାରେ ଏକ ବିହନ ଫାର୍ମ ଚାଲିଥିଲା। ୭।୪।୨୦୨୧ରେ ଡିଏମ୍‌ଏଫ୍‌ର ଟ୍ରଷ୍ଟବୋର୍ଡ ବୈଠକରେ ୧,୦୩,୪୦୦ ପିଜୁଳି ଗଛ ଲଗାଇବାକୁ ଅନୁମତି ମିଳିଥିଲା। ପିଜୁଳି ଲଗାଇବା ପୂର୍ବରୁ ଏଠାରେ ଛୋଟଛୋଟ ବୁଦା, କାଜୁ, ଖଜୁରି କିଛି ଗଛ ରହିଥିଲା, ଯାହାକି ସଫା କରି ପିଜୁଳି ଗଛ ସହ ୧୭ଟି ବୋରୱେଲ ଖନନ ହୋଇଛି। ଏହି ପ୍ରକଳ୍ପ ଉପଯୁକ୍ତ ଭାବେ କାର୍ଯ୍ୟକାରୀ ହେଲେ ୫ ବର୍ଷରେ ପ୍ରାୟ ୨.୫ କୋଟି ଟଙ୍କା ଲାଭ ଆଶା ରହିଥିଲା। ତେବେ ଜିଲା ପ୍ରଶାସନ ପକ୍ଷରୁ ଏହି ପ୍ରକଳ୍ପକୁ ପୁଣି ଆରମ୍ଭ କରାଯାଇ ଆବଣ୍ଟିତ ଅନୁଦାନକୁ ଏନ୍‌ଜିଓ ଜରିଆରେ ଲୁଟ୍ କରାଯାଉଥିବା ନେଇ ସିଭିଲ୍ ସୋସାଇଟି ଅଭିଯୋଗ କରିଛି। ଏକ ସ୍ୱୟଂ ସହାୟକ ଗୋଷ୍ଠୀର ୩୫୦ ଜଣ ମହିଳାଙ୍କୁ ପିଜୁଳି ଫାର୍ମର ରକ୍ଷଣାବେକ୍ଷଣ ଦାୟିତ୍ୱ ଦିଆଯାଇଛି। ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନଙ୍କ ସହ ଶ୍ରମିକ ବର୍ଗଙ୍କୁ ଜବ୍ କାର୍ଡ ଜରିଆରେ କାମ ଯୋଗାଇ ଦେବାକୁ ଯୋଜନା କରାଯାଇଛି। ଅନ୍ୟପକ୍ଷରେ ମୂଳଖମ୍ଭ, ଦାମୋଦରପୁର, ମଙ୍ଗଳପୁର, ଇଚ୍ଛାପୁର, ବଉଳପାଳ, ବନ୍ଧଙ୍ଗା, ଗନ୍ଧାପାଳ, ପୂବଳ ପ୍ରଭୃତି ଗ୍ରାମଗୁଡ଼ିକର ପଛୁଆବର୍ଗ ଶ୍ରମିକମାନଙ୍କୁ ଅଣଦେଖା କରାଯାଉଛି। ତେଣୁ ଡିଏମ୍‌ଏଫ୍ ପାଣ୍ଠିର ଦୁରୁପଯୋଗକୁ ବନ୍ଦ କରି ସମ୍ପୃକ୍ତ ଏନ୍‌ଜିଓ ସହିତ ହୋଇଥିବା ଚୁକ୍ତିକୁ ରଦ୍ଦ କରିବାକୁ ସୋସାଇଟି ପକ୍ଷରୁ ବିଶ୍ୱନାଥ ପାତ୍ର, କ୍ଷୀରୋଦ ଦାସ, ବୁଲୁ ଯାଦବ ପ୍ରମୁଖ ଦାବି କରିଛନ୍ତି।

# ଶହୀଦ ଭଗତ ସିଂଙ୍କ ଫାଶୀ ଦିବସ


ଶହୀଦ ଭଗତ ସିଂଙ୍କ ଫାଶୀ ଦିବସରେ ଯୋଗଦେଇଥିବା ଭଗତ ସିଂ ସ୍ମୃତି ସଂସଦ କର୍ମକର୍ତ୍ତା।

**ଯାଜପୁରରୋଡ୍, ୨୩।୩(ପବିତ୍ର ରଞ୍ଜନ ମହାନ୍ତି):**

ବ୍ୟାସନଗର ଭଗତ ସିଂ ସ୍ମୃତି ସଂସଦ ପକ୍ଷରୁ ଭଗତ ସିଂଙ୍କ ଫାଶୀ ଦିବସ ରବିବାର ପାଳିତ ହୋଇଯାଇଛି। ଏହି ଅବସରରେ ସଂସଦ ସଭାପତି ପ୍ରଫୁଲ୍ଲ ନାୟକଙ୍କ ସଭାପତିତ୍ୱରେ ଭଗତ ସିଂ ଓ ଯୁବ ଶକ୍ତି ଶୀର୍ଷକ ଏକ ଆଲୋଚନା ସଭା ଅନୁଷ୍ଠିତ ହୋଇଥିଲା। ସଭାପତି ନାୟକ କହିଥିଲେ, ୧୯୧୭ରେ ଶୋଭିଏତ ରୁଷରେ କମ୍ୟୁନିଷ୍ଟ ପାର୍ଟି ସରକାରକୁ ଆସିବା ପରେ କାର୍ଲମାର୍କ୍ସଙ୍କ ଦାସକ୍ୟାପିଟାଲ ପଢ଼ି ଭଗତ ସିଂ କମ୍ୟୁନିଷ୍ଟ ପ୍ରତି ଆକୃଷ୍ଟ ହୋଇଥିଲେ ଏବଂ ଶୋଷଣ ମୁକ୍ତ ସମାଜ ଗଠନ ପାଇଁ ଆହ୍ୱାନ ଦେଇଥିଲେ। ଏହି ଆଲୋଚନା ସଭାରେ ଆଇନଜୀବୀ ଗୋକୁଳାନନ୍ଦ ମହାନ୍ତି, ଶିକ୍ଷକ ନେତା ଦୁଷ୍ମନ୍ତ କୁମାର ନାୟକ, ଯାଜପୁର ଜିଲା ଟ୍ୟାକ୍ସବାର ଆସୋସିଏଶନ ସଭାପତି ବିବେକାନନ୍ଦ ମହାନ୍ତି, ପୂର୍ବତନ ନଗରପାଳ ରସାନନ୍ଦ ମହାନ୍ତି, ସବିତା ରାଉତ, ବ୍ୟାସନଗର ମହାବିଦ୍ୟାଳୟ ପୂର୍ବତନ ଅଧକ୍ଷ କୁଶ ଚନ୍ଦ୍ର ପ୍ରଧାନ, ଆମ୍ବେଡକର ସ୍ମୃତି ସଂସଦ ସମ୍ପାଦକ ବାବୁଲାଲ ଗୁରୁ, ଶିକ୍ଷାବିତ ଅଶ୍ୱିନ ଦାସ, ପ୍ରଧାନଶିକ୍ଷୟତ୍ରୀ ମିନତି ସିଂ ଖବରଦାତା ପବିତ୍ର ରଞ୍ଜନ ମହାନ୍ତି ପ୍ରମୁଖ ଯୋଗଦେଇ ଭଗତ ସିଂଙ୍କ ଫୋଟୋଚିତ୍ରରେ ମାଲ୍ୟାର୍ପଣ କରିବା ସହ ଆଲୋଚନା ସଭାରେ ନିଜର ବକ୍ତବ୍ୟ ଉପସ୍ଥାପନା କରିଥିଲେ। ସଂସଦର ସମ୍ପାଦକ ବିକାଶ ଦାସ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଅନୁଷ୍ଠିତ ବକ୍ତୃତା, ସଂଗୀତ, ନୃତ୍ୟ, କୁଇଜ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ଚନ୍ଦନ ଦାସ, ସୌମ୍ୟରଞ୍ଜନ ପଲେଇ, ଦିବ୍ୟାନି ପ୍ରିୟଦର୍ଶନୀ, ସୁମନ ପାତ୍ର, ପ୍ରିୟାଂଶୀ ପ୍ରିୟଦର୍ଶିନୀଙ୍କୁ ଉତ୍ତରୀୟ ଓ ଟ୍ରଫି ଦେଇ ପୁରସ୍କୃତ କରାଯାଇଥିଲା। ସନ୍ତୋଷ ବରାଳ, ମନ୍ମଥ ରାୟ, ପାନୀ କିସ୍କୁ, ମାଳତୀ ହାଁସଦା, ରାଜେନ୍ଦ୍ର ସ୍ୱାଇଁ ଓ ପ୍ରଦୀପ ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ। ତ୍ରିଲୋଚନ ରାଉତ ଧନ୍ୟବାଦ ଦେଇଥିଲେ।

# ସମାଜ କଲ୍ୟାଣ ଶିକ୍ଷକ ସଂଗଠନର ରକ୍ତଦାନ ଶିବିର

**ଧର୍ମଶାଳା, ୨୩।୩(ବଟକୃଷ୍ଣ ପରିଡ଼ା):**

ଧର୍ମଶାଳା ସମାଜ କଲ୍ୟାଣ ଶିକ୍ଷକ ସଂଗଠନର ୪ର୍ଥ ବର୍ଷ ପୂର୍ତ୍ତି ଅବସରରେ ରବିବାର ଧର୍ମଶାଳା ପ୍ରାଥମିକ ବିଦ୍ୟାଳୟ ପରିସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିସହିତ ସଂଗଠନର ବାର୍ଷିକ ମୁଖପତ୍ର 'ସେବାଶ୍ରୀ'ର ଉନ୍ମୋଚନ କରାଯାଇଛି। ପୂର୍ବତନ ଜିଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ଡ.ବିଜୟ କୁମାର ଶତପଥୀ ମୁଖ୍ୟଅତିଥିଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ସ୍ୱେଚ୍ଛାସେବୀ ମାଧୁରୀ ଶତପଥୀ, ମନୋରଞ୍ଜନ ମହାନ୍ତି, ସୁଶାନ୍ତ ପଣ୍ଡା, ଲକ୍ଷ୍ମୀକାନ୍ତ ଚ୍ୟାଉ ପଟ୍ଟନାୟକ, ରାଜକିଶୋର ପାଢ଼ୀ, ନିକୁଞ୍ଜ ବିହାରୀ ମହାନ୍ତି, ପଣ୍ଡିତ କାମଦେବ ଶତପଥୀ ବରେଣ୍ୟ ଅତିଥି ଭାବେ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। କଟକ ରେଡ୍‌କ୍ରସ୍ ପକ୍ଷରୁ ଡା. ସତ୍ୟସ୍ୱରୂପ ରାୟ ଓ ରେଡକ୍ରସ ସଂଯୋଜକ ଅବିନାଶ ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୨୬ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ସଂଗଠନର ମୁଖପତ୍ର ଉନ୍ମୋଚନ ସଭାରେ ପରିଚାଳନା ସଭାପତି ଅରବିନ୍ଦ ଦାଶ ଅଧ୍ୟକ୍ଷତା କରିଥିଲେ। ସମ୍ପାଦକ ସେକ ସମସୁଦିନ ବାର୍ଷିକ ବିବରଣୀ ପାଠ କରିଥିଲେ। ଗଣେଶ୍ୱର ସାହୁ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ସୋନାଲିକା ପରିଡ଼ା ସ୍ୱାଗତ ଭାଷଣ ଦେଇଥିଲେ। ଅନିଲ ମହାରଣା, ସୁଭଦ୍ରା ଦାଶ, ଚିତ୍ତରଞ୍ଜନ କର, କୁନା କୁମାରୀ ସାହୁ, ଜିତେନ୍ଦ୍ର ସାହୁ, ଆଭାରାଣୀ ରାଉତରାୟ, କ୍ଷୀତିଶ ଜେନା ପ୍ରମୁଖ ଶିକ୍ଷୟିତ୍ରୀଶିକ୍ଷକ ନିଜର ମତବ୍ୟକ୍ତ କରିଥିଲେ। ବଡ଼ଚଣା ଶିଶୁ ଆଶ୍ରମର ଶିଶୁମାନଙ୍କ ଶୈକ୍ଷିକ ଉନ୍ନତିରେ ସହଯୋଗ କରୁଥିବା ୬ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷକ ଅଭିମନ୍ୟୁ ମଲ୍ଲିକ ଧନ୍ୟବାଦ ଦେଇଥିଲେ।



ସମାଜ କଲ୍ୟାଣ ଶିକ୍ଷକ ସଂଗଠନ ମୁଖପତ୍ର 'ସେବାଶ୍ରୀ'କୁ ଅତିଥି ଉନ୍ମୋଚନ କରୁଛନ୍ତି।

# ଲକ୍ଷପତି ଦିଦି ତାଲିମ ଶିବିର ଉଦ୍‌ଘାଟିତ


ତାଲିମ ଶିବିରରେ ଯୋଗଦେଇଥିବା ମହିଳାମାନେ।

**ରସୁଲପୁର, ୨୩।୩(ରଞ୍ଜିତ ରାଉତ):**

ରସୁଲପୁର ବ୍ଲକ ଅନ୍ତର୍ଗତ ଭୋଟକା ପଞ୍ଚାୟତର ମିଶନଶକ୍ତି ଭବନଠାରେ ଲକ୍ଷପତି ଦିଦିଙ୍କ ତାଲିମ ଶିବିର ଉଦ୍‌ଘାଟିତ ହୋଇଯାଇଛି। ପଞ୍ଚାୟତର ଏମ୍‌ବିକେ ସସ୍ମିତା ଆଏଚ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ମହିଳାମାନଙ୍କୁ ଆର୍ଥିକ ସ୍ୱାବଲମ୍ବି କରିବା ଲକ୍ଷପତି ଦିଦି କାର୍ଯ୍ୟକ୍ରମର ଅସଲ ଉଦ୍ଦେଶ୍ୟ ବୋଲି ସୂଚନା ଦେଇଥିଲେ। ମହିଳାମାନେ ଗୃହକାର୍ଯ୍ୟ ସହ ଏକାଧିକ ଜୀବିକା(କୁଟୀର ଶିଳ୍ପ)କୁ ଆପଣାଇବାକୁ ସେ ପରାମର୍ଶ ଦେଇଥିଲେ। ପଞ୍ଚାୟତର ସିଆରପି ଉମା ସେଠୀ, ସୁବାଶିନୀ ମଲିକ, ସୁଚିସ୍ମିତା ପତି, ସସ୍ମିତା ଆଏଚ, ଅନିମା ପଣ୍ଡା, ବସୁମତି ବେହେରା ପ୍ରମୁଖ ସମ୍ବଳ ଅଧିକାରିଣୀ ଭାବେ ଯୋଗଦେଇ ମହିଳାମାନେ କିପରି ଲକ୍ଷପତି ଦିଦି ହୋଇପାରିବେ ସେ ସମ୍ପର୍କରେ କହିଥିଲେ। ମହିଳାମାନେ ଆପାଣଉଥିବା ଏକାଧିକ ଜୀବିକା ଯଥା; ମତ୍ସ୍ୟ, ପଶୁପାଳନ, କୁକୁଡା ଚାଷ, ଫୁଲ ଓ ଫଳ ଚାଷ, ବଡ଼ି, ପାମ୍ପଡ, ଆଚାର ପ୍ରସ୍ତୁତି, ପଟ୍ଟଚିତ୍ର ବୁଣିବା, ସିଲେଇ ଶିକ୍ଷା ଦେବା ଓ ଏହି ଜରିଆରେ ବସ୍ତ୍ର ପ୍ରସ୍ତୁତ କରିବା, କୌଳିକ ବୃତ୍ତି କାଠକାମ, ମାଟିପାତ୍ର ଗଢ଼ିବା, ଲୁଗାବୁଣିବା ଭଳି ଅନେକ କାର୍ଯ୍ୟକୁ ବଞ୍ଚାଇବା ଦିଗରେ ପ୍ରୟାସ କରିବା ସହ ଏଥିରୁ ନିଜସ୍ୱ ଆୟକୁ ବୃଦ୍ଧି ଘଟାଇବାର ଉପାୟମାନ ବତାଇଥିଲେ। ଏ ଦିଗରେ ଉପଲବ୍ଧ ହେଉଥିବା ସରକାରୀ ସହାୟତା ଯଥା; ସୁଭଦ୍ରା ଯୋଜନାରୁ ମହିଳାମାନଙ୍କୁ ଉପଲବ୍ଧ ହେଉଥିବା ଅର୍ଥକୁ ବିନିଯୋଗ କରିବା ଓ କମ୍ ସୁଧରେ ବ୍ୟାଙ୍କ ଋଣ ସଂଗ୍ରହ କରି ତାର ଉପଯୁକ୍ତ ବ୍ୟବହାର କରିପାରିଲେ ମହିଳାମାନେ ଆତ୍ମନିର୍ଭରଶୀଳ ହେବା ସହ ଲକ୍ଷପତି ଦିଦିର ମାନ୍ୟତା ହାସଲ କରିପାରିବେ ବୋଲି ବୁଝାଇଥିଲେ। ଏହି ଶିବିର ସପ୍ତାହ ବ୍ୟାପୀ ଜାରି ରହିବ। ଶିବିରରେ ୫୦ରୁ ଉର୍ଦ୍ଧ୍ୱ ମହିଳା ଯୋଗଦେଇ ତାଲିମ ଗ୍ରହଣ କରୁଛନ୍ତି।

# ପୋବଳ ମେଳଣ ଉଦ୍‌ଯାପିତ

**ଚଢ଼େଇଧରା, ୨୩।୩(ଦିଲୀପ ପରିଡ଼ା):**

ଧର୍ମଶାଳା ବ୍ଲକ ଅନ୍ତର୍ଗତ ତରଞ୍ଜିଆ ପଞ୍ଚାୟତ ଅଧୀନ ପୋବଳ ମେଳଣ ଶନିବାର ରାତିରୁ ଆରମ୍ଭ ହୋଇ ରବିବାର ଅପରାହ୍ନରେ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ବିଭିନ୍ନ ଅଞ୍ଚଳରୁ ଦୋଳବିମାନ ଆସି ମେଳଣ ପଡ଼ିଆରେ ପହଞ୍ଚି ଥିଲେ। ପ୍ରଥମେ ପୋବଳର ଶ୍ରୀରାଧା ଗୋପୀନାଥଜୀଉ ବିମାନ ଥାନପତି ଆସନ ଅଳଙ୍କୃତ କରିଥିଲେ। ପରେ ମଙ୍ଗରାଜପୁର, ଆରୁହା, କେଶରପଡ଼ା ଉତିମରା, ଅଭୟପୁର ଆଦି ୬ ରାଧାକୃଷ୍ଣ ଦୋଳ ବିମାନ ଯୋଗଦେଇଥିଲେ। ପ୍ରତ୍ୟେକ ଦୋଳ ବିମାନ ସମ୍ମୁଖରେ ବାଜାବାଣ ରୋଷଣି ସହ ଘୋଡ଼ା ନାଚ, ବାଡ଼ିଖେଳ ପରିବେଷଣ କରାଯାଇଥିଲା। ସବୁ ଦୋଳ ବିମାନ ଏକତ୍ରିତ ହେବାପରେ ରାଧାକୃଷ୍ଣ ଠାକୁରଙ୍କୁ ଭୋଗ ନୈବେଦ୍ୟ ସହିତ ଦକ୍ଷିଣା ପ୍ରଦାନ କରାଯାଇଥିଲା। ମେଳଣ ଦେଖିବାକୁ ଆଖପାଖ ଅଞ୍ଚଳରୁ ପ୍ରବଳ ଜନସମାଗମ ହୋଇଥିଲା। ପୋବଳ ମେଳଣ କମିଟିର ସମସ୍ତ ସଦସ୍ୟ ମେଳଣ ପରିଚାଳନାରେ ସହଯୋଗ କରିଥିଲେ। ଧର୍ମଶାଳା ପୋଲିସ ପକ୍ଷରୁ ଶାନ୍ତି ଶୃଙ୍ଖଳା ରକ୍ଷା କରାଯାଇଥିଲା।


ମେଳଣରେ ସାମିଲ ହୋଇଥିବା ଦୋଳ ବିମାନ।

# ରୋଟାରି କ୍ଲବ ପକ୍ଷରୁ ଚକ୍ଷୁ ଚିକିତ୍ସା ଶିବିର

**ଧର୍ମଶାଳା, ୨୩।୩ (ବଟକୃଷ୍ଣ ପରିଡ଼ା):**

ଧର୍ମଶାଳା ବ୍ଲକ ଅଧୀନ ଜାରକା ରୋଟାରି କ୍ଲବ୍ ଓ ଭିଜନ କେୟାର ସେଣ୍ଟର ତରଫରୁ ସାପ୍ତାହିକ ନିଃଶୁଳ୍କ ଚକ୍ଷୁ ଚିକିତ୍ସା ଶିବିର କ୍ଲବ ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨୯ ଜଣଙ୍କ ଚକ୍ଷୁ ପରୀକ୍ଷା କରାଯାଇଛି। ୨ ଚକ୍ଷୁ ଚିକିତ୍ସକ ସୁଶ୍ରୀ ସ୍ୱାଗତିକା ଓ ଜ୍ୟୋତିରାଦିତ୍ୟ ରାୟ ଚକ୍ଷୁ ପରୀକ୍ଷା କରି ଆବଶ୍ୟକ ପରାମର୍ଶ ଦେଇଥିଲେ। ଅସ୍ତ୍ରୋପଚାର ପାଇଁ ଚିହ୍ନଟ ରୋଗୀଙ୍କୁ କଟକସ୍ଥିତ ବିଡାନାସୀଠାରେ ଥିବା ରୋଟାରି ଚକ୍ଷୁ ଚିକିତ୍ସାଳୟ ନିଆଯାଇ ମାଗଣାରେ ଅସ୍ତ୍ରୋପଚାର କରାଯିବା ସହିତ ଔଷଧ ପ୍ରଦାନ ବ୍ୟବସ୍ଥା କରାଯାଇଛି ବୋଲି କ୍ଲବ ପକ୍ଷରୁ ସୂଚନା ଦିଆଯାଇଥିଲା। କ୍ଲବ ସଭପତି ରାଜେନ୍ଦ୍ର ପ୍ରସାଦ ପଲେଇ, ସମ୍ପାଦକ ଜୟପ୍ରକାଶ ତ୍ରିପାଠୀ, ପ୍ରଦୀପ୍ତ ବରାଳ, ଜୟନ୍ତ ସାହୁ, ଲକ୍ଷ୍ମୀକାନ୍ତ ଚ୍ୟାଉପଟ୍ଟନାୟକ, ପ୍ରମୋଦ ସାମଲ, ବିନୋଦ ପରିଡ଼ା, ସୁକାନ୍ତ ସ୍ୱାଇଁ, ନିରଞ୍ଜନ ପାଣିଗ୍ରାହୀ ଓ ଜୟଗୁରୁ ପାତ୍ର ପ୍ରମୁଖ ସଭ୍ୟ ଶିବିରକୁ ପରିଚାଳନା କରିଥିଲେ।


ଡାକ୍ତର ଚକ୍ଷୁ ରୋଗୀଙ୍କୁ ପରୀକ୍ଷା କରୁଛନ୍ତି।

# ବୈଷ୍ଣବ ଜେନା ସ୍ମୃତି ସମ୍ମାନ ସମାରୋହ

**ଦଶରଥପୁର, ୨୩।୩ (ସୁଶାନ୍ତ କୁମାର ବେହୁରିଆ):**

ଦଶରଥପୁର ବ୍ଲକ୍ ମଙ୍ଗଳପୁରସ୍ଥିତ ଭାରତୀୟ କମ୍ୟୁନିଷ୍ଟ କାର୍ଯ୍ୟାଳୟରେ କମ୍ୟୁନିଷ୍ଟ ନେତା ସନାତନ ତ୍ରିପାଠୀଙ୍କ ସଭାପତିତ୍ୱରେ ସ୍ୱାଧୀନତା ସଂଗ୍ରାମୀ, କୃଷକ ନେତା ତଥା ଦୁଦୁରାନ୍ତା ପଞ୍ଚାୟତର ପୂର୍ବତନ ସରପଞ୍ଚ ବୈଷ୍ଣବ ଚରଣ ଜେନାଙ୍କ ସ୍ମୃତି ଉଦ୍ଦେଶ୍ୟରେ ବୈଷ୍ଣବ ଜେନା ସ୍ମୃତି ସମ୍ମାନ ସମାରୋହ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମଙ୍ଗଳପୁରର ପୂର୍ବତନ ସରପଞ୍ଚ ନବକିଶୋର ବେହେରା, ଗରିବବନ୍ଧୁ ଉଚ୍ଚବିଦ୍ୟାଳୟ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଗୋପବନ୍ଧୁ ତ୍ରିପାଠୀ, ଶିକ୍ଷକନେତା ନିରଞ୍ଜନ ବିଶ୍ୱାଳ, ଜିଲା ସହସମ୍ପାଦକ ଅଭୟ କୁମାର ପଣ୍ଡା, ଦଉପୁର ଦୁଦୁରାଅନ୍ତା ଶାଖା ସମ୍ପାଦକ ସୁରେନ୍ଦ୍ର ମଲ୍ଲିକ, ଜିଲା କମିଟି ସଦସ୍ୟ ବିଜୟ କୁମାର ନାୟକ ଓ ରାଜ୍ୟ କମିଟି ସଦସ୍ୟ ମଳୟ କୁମାର ପଣ୍ଡା ପ୍ରମୁଖ ଯୋଗଦେଇ ସ୍ୱାଧୀନତା ସଂଗ୍ରାମୀ ଜେନା ଗମନା ଗମନ, ଶିକ୍ଷା, ସ୍ୱାସ୍ଥ୍ୟ, କୃଷି ଓ କୃଷକର ବିକାଶ ପାଇଁ ସର୍ବଦା ଅମର ରହିବେ ବୋଲି କହିଥିଲେ। ସଭାରେ ପ୍ରାକ୍ତନ ଓଷ୍ଟା ରାଜ୍ୟ ସମ୍ପାଦକ ଓ ଶିକ୍ଷକ ନେତା ପୀତବାସ ବେହୁରିଆଙ୍କୁ ବୈଷ୍ଣବ ଜେନା ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା।

# 'ଆମ ଅସ୍ମିତା, ଆମ ପରିଚୟ'



ସ୍ୱର ଓ ସ୍ୱାକ୍ଷରର ବାର୍ଷିକ ଉତ୍ସବରେ ଯୋଗଦେଇଥିବା ଅତିଥିମାନେ।

**ଯାଜପୁର, ୨୩।୩(ହର୍ଷବର୍ଦ୍ଧନ ବେହେରା)**

ଅସ୍ମିତା ଗୋଟିଏ ଜାତିର ଅସ୍ତିତ୍ୱ ଓ ସ୍ୱାଭିମାନ ଏବଂ ଜାତିର ମୌଳିକ ପାରିଭାଷିକ ପରିଚୟ। ସାହିତ୍ୟ ଅନୁଷ୍ଠାନ ସ୍ୱର ଓ ସ୍ୱାକ୍ଷର ପକ୍ଷରୁ ରବିବାର ଯାଜପୁର ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସଭାଗୃହରେ ଅନୁଷ୍ଠିତ ସମାରୋହରେ କବି ସରୋଜ ରଞ୍ଜନ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ଏହା କହିଛନ୍ତି। ଏଥିରେ ନାଟ୍ୟକାର ବିଜୟ କୁମାର ଶତପଥୀ ମୁଖ୍ୟବକ୍ତା ଓ ଶିକ୍ଷାବିତ୍ ବଟକୃଷ୍ଣ ମହାପାତ୍ର ସମ୍ମାନିତ ଅତିଥିଭାବେ ଯୋଗଦେଇ ଅସ୍ମିତା ହିଁ ଜାତିର କଳା, ସ୍ଥାପତ୍ୟ, ସଂସ୍କୃତି ଓ ସାହିତ୍ୟ ଆଦି ବହୁବିଧ ସମାଜିକ କ୍ଷେତ୍ରକୁ ଋଦ୍ଧିମନ୍ତ ଓ ଗୌରାବାନ୍ୱିତ କରିଥାଏ ବୋଲି ମତ ଦେଇଥିଲେ। 'ସ୍ୱର ଓ ସ୍ୱାକ୍ଷର'ର ସଭାପତି ଶ୍ରୀହରି ଧଳଙ୍କ ପୌରୋହିତରେ ଅନୁଷ୍ଠିତ ଏହି ସମାବେଶରେ ସାହିତ୍ୟିକ ଘନ ପରିଡ଼ା ସ୍ୱାଗତ ଭାଷଣ, ସାମାଜିକ କର୍ମୀ ରବୀନ୍ଦ୍ର କୁମାର ପରିଡ଼ା ଅତିଥି ପରିଚୟ, ସାଧାରଣ ସମ୍ପାଦକ ନାରାୟଣ ଚନ୍ଦ୍ର ଦାଶ ବିବରଣୀ ପାଠ କରିଥିଲେ। ସାହିତ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ କବି ସରୋଜ ରଞ୍ଜନ ମହାନ୍ତିଙ୍କୁ 'ସ୍ୱର ଓ ସ୍ୱାକ୍ଷର ସାହିତ୍ୟ ସମ୍ମାନ', ନାଟ୍ୟକାର ବିଜୟ ଶତପଥୀଙ୍କୁ 'କୃଷ୍ଣ ପ୍ରସାଦ ବସୁ ନାଟ୍ୟ ସମ୍ମାନ', ଗାଳ୍ପିକ ନିତ୍ୟାନନ୍ଦ ପଣ୍ଡାଙ୍କୁ 'ଅଚ୍ୟୁତାନନ୍ଦ ପତି ଗଳ୍ପ ସମ୍ମାନ' ଓ ପ୍ରାବନ୍ଧିକ ବିରଞ୍ଚି ସାହୁଙ୍କୁ ମାନପତ୍ର, ଉପଢ଼ୌକନ ଓ ଉତ୍ତରୀୟ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଦଶରଥପୁର କଳାବିକାଶ କେନ୍ଦ୍ରର କଣ୍ଠଶିଳ୍ପୀମାନେ ବନ୍ଦେ ଭାରତ ଜନନୀ ଉତ୍କଳ ସଙ୍ଗୀତ ଗାନ କରିଥିଲେ। ପ୍ରାରମ୍ଭରେ ପ୍ରଭାତ ମଲ୍ଲିକ, ରାମଚନ୍ଦ୍ର ଦାଶ, ଜିତେନ୍ଦ୍ର ବେହେରା, ସୂର୍ଯ୍ୟମଣି ଖୁଣ୍ଟିଆ, ବିଜୟ ମୋହନ ରାୟ, ବିନ୍ଦୁରେଖା ମହାପାତ୍ର, ସୁବ୍ରତ କୁମାର ଦାସ, ନାରାୟଣ ମହାଳିକ, ଅନିଲ୍ କୁମାର ମହାନ୍ତି, ବିଜୟ ମହାପାତ୍ର, ବିଦ୍ୟୁତ୍‌ପ୍ରଭା କର, ବୀଣାପାଣି ପଣ୍ଡା, ମନୋଜ ନାଥ, ସୁବାସ ମହାପାତ୍ର, ଅମ୍ବିକା ପ୍ରସାଦ ସାମଲ, ଲାବଣ୍ୟ ନାୟକ, ସବିତା ମିଶ୍ର, ରାଜକିଶୋର ପଣ୍ଡା, ସରସ୍ୱତୀ ପଣ୍ଡା ଓ କାମେଶ୍ୱର ପଣ୍ଡା ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ।

# ଶତାୟୁ ଦୁର୍ଯ୍ୟୋଧନ ଦାସଙ୍କ ପରଲୋକ

**ସିଂହପୁର, ୨୩।୩ (ଅନଙ୍ଗ ଉଦୟ ବେଉରିଆ):**

ବିଞ୍ଝାରପୁର ବ୍ଲକ୍ ଅଧୀନ ସିଂହପୁର ନିକଟ ହାବଳଗଣ୍ଡ ପାଟଣା ଗ୍ରାମର ଶତାୟୁ ବ୍ୟକ୍ତି ଦୁର୍ଯ୍ୟୋଧନ ଦାସ(୧୦୪)ଙ୍କ ପରଲୋକ ହୋଇଯାଇଛି। ସେ ଜଣେ ସରଳ, ପରୋପକାରୀ ଓ ବନ୍ଧୁ ବତ୍ସଳ ବ୍ୟକ୍ତି ଭାବେ ପରିଚିତ ଥିଲେ। କିଛି ଦିନ ଧରି ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡ଼ିତ ଥିଲେ। ପ୍ରାକ୍ତନପ୍ରଧାନଶିକ୍ଷକ ରାହାସ ବିହାରି ମହାନ୍ତି, ମିହିର ବିଶ୍ୱାଳ, ପ୍ରଧାନଶିକ୍ଷକ ସଞ୍ଜୀୟ ସାମଲ, ଶିକ୍ଷକ ପ୍ରଫୁଲ୍ଲ କୁମାର ସୁତାର, ଅଭିମନ୍ୟୁ ବାରିକ, ଶିକ୍ଷୟିତ୍ରୀ ରାଜଶ୍ରୀ ପ୍ରିୟଦର୍ଶିନୀ ବେହେରା, ଶିକ୍ଷା କର୍ମଚାରୀ ପୀତାମ୍ବର ରାଉତ, ଅନୁପ କୁମାର ପରିଡ଼ାଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ଶେଷଦର୍ଶନ କରିଥିଲେ। ଗ୍ରାମ ଶ୍ମଶାନରେ ତାଙ୍କର ଅନ୍ତିମ ସତ୍କାର କରାଯାଇଥିଲା।



## ହତ୍ୟା ଉଦ୍ୟମ, ଅଭିଯୁକ୍ତ କୋର୍ଟ ଚାଲାଣ

ରାଜନଗର,(ଭାସ୍କର ରାଉତରାୟ): ରାଜନଗର ପୋଲିସ ବିଭିନ୍ନ ମାମଲାରେ ସମ୍ପୃକ୍ତ ଥିବା ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସୂଚନା ମୁତାବକ, ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଅନ୍ତର୍ଗତ କାକୁଡ଼ିପଲ୍ଲୀ ଗାଁର ନିରଞ୍ଜନ ସେଠୀ ରାଜନଗରରେ ରହି ମାଛ ବ୍ୟବସାୟ କରୁଥିଲେ। ଗତବର୍ଷ ଡିସେମ୍ବର ୪ ତାରିଖରେ ବଗଡ଼ା ଗାଁର ପ୍ରଫୁଲ କୁମାର ସ୍ୱାଇଁ ମାଛ ବ୍ୟବସାୟ ସମ୍ପର୍କରେ ରାଜନଗର ଆସିଥିବା ବେଳେ ନିରଞ୍ଜନ ତାକ ମୁଣ୍ଡକୁ ବିଅର ବୋତଲରେ ଆକ୍ରମଣ କରିଥିଲେ। ଏଥିରେ ପ୍ରଫୁଲ ଗୁରୁତର ହୋଇଥିଲା। ସେହି ଘଟଣାରେ ପୋଲିସ ନିରଞ୍ଜନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ନିରଞ୍ଜନ ନାଁରେ ରାଜନଗର ଥାନାରେ ଏକାଧିକ ମାମଲା ରହିଛି।

# କର୍ମନିଯୁକ୍ତି ଅପେକ୍ଷାରେ ଯୁବବର୍ଗ

■ ପ୍ରତିଶ୍ରୁତିରେ ପଡ଼ିରହିଛି ଶିଳ୍ପ ଓ ପର୍ଯ୍ୟଟନ ଶିଳ୍ପର ବିକାଶ
■ ଅତିଶୟ ପ୍ରାକୃତିକ ବିପର୍ଯ୍ୟୟର ନିରାକରଣ ନାହିଁ
■ ମାନବ ଚାଲାଣ ପାଇଁ ସୁଯୋଗ ସୃଷ୍ଟି ଅଭିଯୋଗ

କେନ୍ଦ୍ରାପଡ଼ା,୨୩।୩(ଜଗନ୍ନାଥ ଧଳ)

ରାଜ୍ୟର ଅନ୍ୟ ଜିଲା ତୁଳନାରେ କେନ୍ଦ୍ରାପଡ଼ାରେ ସାକ୍ଷରଙ୍କ ସଂଖ୍ୟା କମ ନୁହେଁ। ଏଠାରେ ୮୫.୯୩ ପ୍ରତିଶତ ସାକ୍ଷର। ୫୭ ହଜାରରୁ ଅଧିକ ସ୍ନାତକ ଓ ତା'ଠାରୁ ଉପର ଡିଗ୍ରୀଧାରୀ ଜିଲା କର୍ମ ନିଯୋଜନ କେନ୍ଦ୍ରରେ ନାମ ପଞ୍ଜୀକୃତ କରିଛନ୍ତି। ସେହିପରି ଜିଲାର ଉର୍ବର ମୃତ୍ତିକା ଅର୍ଥନୈତିକ ଫସଲ ଉତ୍ପାଦନ ପାଇଁ ସକ୍ଷମ। ଜାତୀୟ ଉଦ୍ୟାନ ଭିତରକନିକା ସମେତ ଶ୍ରୀବଳଦେବଜୀଉଙ୍କ ପାଇଁ ଆଧ୍ୟାତ୍ମିକ କ୍ଷେତ୍ର ହୋଇଥିବାରୁ ପର୍ଯ୍ୟଟନ ଶିଳ୍ପ ପାଇଁ ଉପଯୋଗୀ। ଏଥିସହିତ ଶିଳ୍ପାଞ୍ଚଳ ପ୍ରତିଷ୍ଠା ପାଇଁ ବିଭିନ୍ନ ସମୟରେ ଜମି ଅଧିଗ୍ରହଣ ହୋଇଛି। ଏସବୁ ସତ୍ତ୍ୱେ ଏହି ଜିଲା ଆର୍ଥିକ ବିକାଶ କ୍ଷେତ୍ରରେ କେବିକେଠାରୁ ପଛରେ ଥିବା ରାଜ୍ୟ ଅର୍ଥନୈତିକ ସର୍ଭେ ରିପୋର୍ଟ ଦର୍ଶାଉଛି। ବନ୍ୟା, ବାତ୍ୟା, ମରୁଡ଼ି, ତଟକ୍ଷୟ ଆଦି ପ୍ରାକୃତିକ ବିପର୍ଯ୍ୟୟ ଜିଲାରେ ଯୁବବର୍ଗଙ୍କୁ କୃଷି ପ୍ରତି ବିମୁଖ କରାଇଛି। ପର୍ଯ୍ୟଟନ ଶିଳ୍ପ ଓ ଶିଳ୍ପର ବିକାଶ ହୋଇ ପାରୁ ନ ଥିବାରୁ ଯୁବବର୍ଗ ଦାଦନ ଖଟିବାକୁ ଜିଲା ବାହାରକୁ ଯାଉଛନ୍ତି। ଏପରିକି ମାନବ ଚାଲାଣ ଓ ଶ୍ରମିକ ନିର୍ଯାତନା ଖବର ବାରମ୍ବାର ଅସୁଥିବା ସ୍ଥାନୀୟ ବୁଦ୍ଧିଜୀବୀ ଓ ସାମାଜିକ କର୍ମୀମାନେ ମତ ଦେଇଛନ୍ତି।

ଏସମ୍ପର୍କରେ ବୁଦ୍ଧିଜୀବୀ ପ୍ରତାପ କୁମାର ପାଢ଼ୀ, ମାନବାଧିକାର କର୍ମୀ ସାଗର ଜେନା, ସାମାଜିକ କର୍ମୀ ମନୋଜ କୁମାର ନାୟକ, ବାନାମ୍ବର ସାହୁ, ଡା. ମିଳନ କୁମାର ପ୍ରମୁଖ କହିଛନ୍ତିଯେ, ସମସ୍ତ ଭିତ୍ତିଭୂମୀ ସତ୍ତ୍ୱେ ଜିଲାର ବିକାଶ ପାଇଁ କୌଣସି ସ୍ୱତନ୍ତ୍ର ଯୋଜନା ନାହିଁ। ଏହି ଜିଲାର ପ୍ରତି ବର୍ଗ କିଲୋମିଟରରେ ୫୪୫ରୁ ଊର୍ଦ୍ଧ୍ୱ ଲୋକ ରହୁଛନ୍ତି। ଏହି ଲୋକସମ୍ବଳକୁ ବିନିଯୋଗ ପାଇଁ ଦକ୍ଷତାଭିତ୍ତିକ ଶିକ୍ଷାନୁଷ୍ଠାନ, ଶିଳ୍ପାନୁଷ୍ଠାନ ନାହିଁ। କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ପାଇଁ ଯୁବବର୍ଗଙ୍କ ଆଗ୍ରହ ବଢ଼ୁଥିଲେ ମଧ୍ୟ ଏଥିରେ ଜିଲା ଶିଳ୍ପ କେନ୍ଦ୍ର ଓ ବ୍ୟାଙ୍କ ସହଯୋଗ ଦେଉନାହାନ୍ତି। କୃଷି କ୍ଷେତ୍ରରେ ଜୀବିକା ନିର୍ବାହ ପାଇଁ ଯୁବବର୍ଗ ଆଗ୍ରହ ପ୍ରକାଶ କରୁନାହାନ୍ତି। ଏହି ଜିଲାରେ ଜଳ ପରିଚାଳନା ଜିଲାବାସୀଙ୍କ ପାଇଁ ଏକ ସମସ୍ୟା ହୋଇଛି। ୧ଲକ୍ଷ ୫୨ ହଜାର ଚାଷ ଉପଯୋଗୀ ଜମିରେ ଜଳସେଚନ ଓ ନିଷ୍କାସନ ସମସ୍ୟାର ସମାଧାନ ହୋଇପାରୁନାହିଁ। ନଦୀରେ ଆସୁଥିବା ବନ୍ୟାରେ ପ୍ରତିବର୍ଷ ୫୫ଟି ପଞ୍ଚାୟତ କ୍ଷତିଗ୍ରସ୍ତ ହେଉଥିବା ବେଳେ ଅଧିକ ହେଲେ ଜିଲାର ଚାଷକୁ ପ୍ରଭାବିତ କରୁଛି। ସାମୁଦ୍ରିକ ତଟକ୍ଷୟ ଏକ ବୃହତ୍ ସମସ୍ୟା। ଜିଲାର ୭୪୪ କିମି ତଟବନ୍ଧରୁ ୨୩୪ କିମି ତଟବନ୍ଧ ଅସୁରକ୍ଷିତ ହୋଇରହିଛି। ସାମୁଦ୍ରିକ ବାତ୍ୟା ଓ ମରୁଡ଼ି କୃଷି ଫସଲକୁ ପ୍ରଭାବିତ କରୁଛି। ପର୍ଯ୍ୟଟନ ଶିଳ୍ପର ବିକାଶ ହେଲେ କର୍ମନିଯୁକ୍ତି ସମସ୍ୟାର ସମାଧାନ କିଛିମାତ୍ରାରେ ସମାଧାନ ହୋଇ ପାରିବ। ଦୀର୍ଘଦିନ ଧରି ଶିଳ୍ପ ପ୍ରତିଷ୍ଠା ପାଇଁ ଜିଲାବାସୀଙ୍କୁ ସ୍ୱପ୍ନ ଦେଖାଯାଉଛି। ଏପରି କି ମହାକାଳପଡ଼ା, କେନ୍ଦ୍ରାପଡ଼ା, ମାର୍ଶାଘାଇ ଓ ଡେରାବିଶ ବ୍ଲକ ଅଞ୍ଚଳରେ ଏଥିପାଇଁ ଜମି ଅଧିଗ୍ରହଣ କରାଯାଉଛି। ମାତ୍ର ସ୍ୱାଧୀନତାର ୭୭ ବର୍ଷ ପରେ ମଧ୍ୟ ମଧ୍ୟମ ଧରଣର ଶିଳ୍ପଟିଏ ନାହିଁ। ଫଳରେ କର୍ମନିଯୁକ୍ତି ପାଇଁ ଯୁବବର୍ଗ ଜିଲା ବାହାରକୁ ଯାଉଛନ୍ତି। ପଟ୍ଟାମୁଣ୍ଡାଇ ଥାନା ନୀଳକଣ୍ଠପୁର ଗ୍ରାମର ରବିନ୍ଦ୍ର ସାହୁଙ୍କ ୩୧ ବର୍ଷିୟ ପୁଅ ସନ୍ତୋଷ ଗତ ୧୦ ବର୍ଷ ଧରି କର୍ମ ନିଯୁକ୍ତି ପାଇଁ ବାହାରକୁ ଯାଇ ନିଖୋଜ ଅଛନ୍ତି। କେବଳ ସନ୍ତୋଷ ନୁହନ୍ତି, ବହୁ ସଂଖ୍ୟାରେ ମହିଳା, ନାବାଳିକା, ଯୁବକ ନିଖୋଜ ଥିବା ଥାନା ମାମଲାରୁ ଜଣାପଡୁଛି। ଯାହା ଏହି ଜିଲାରେ ମାନବ ଚୋରାଚାଲାଣ କରାଯାଉଥିବା ନେଇ ସନ୍ଦେହ ସୃଷ୍ଟି ହେଉଛି। ସେହିପରି ଗତ ୪ ବର୍ଷକୁ ହିସାବକୁ ନେଲେ ଜିଲାରେ ପ୍ରାୟ ୫୦୦ରୁ ଅଧିକ ଦାଦନ ଶ୍ରମିକଙ୍କ ନିର୍ଯାତନା ଖବର ସୂଚନା ମିଳିଛି। କର୍ମନିଯୁକ୍ତି ପାଇଁ ପ୍ରଶାସକ ଓ ରାଜନେତାଙ୍କ ମିଳିତ ପ୍ରୟାସ ଆବଶ୍ୟକ। ତେବେ ଏହି ଜିଲାରେ ସେମାନଙ୍କର ସମନ୍ୱୟର ଅଭାବ ଅଛି ବୋଲି ବୁଦ୍ଧିଜୀବୀମାନେ ମତ ରଖିଛନ୍ତି।

ଏସମ୍ପର୍କରେ ଏଡିଏମ୍ ନିଲୁ ମହାପାତ୍ର କହିଛନ୍ତି, ଜିଲାରେ କର୍ମନିଯୁକ୍ତି ପାଇଁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ ହେଉଛି। ଦକ୍ଷତା ବିକାଶ ତାଲିମ କେନ୍ଦ୍ର ପ୍ରତିଷ୍ଠା ସହ ଜିଲାର ଉତ୍ପାଦିତ ସାମଗ୍ରୀ ବିକ୍ରି ପାଇଁ ବ୍ୟବସ୍ଥା ହୋଇଛି। ରାଜ୍ୟ ସରକାରଙ୍କ ପକ୍ଷରୁ ଏହି ଜିଲାରେ ଶିଳ୍ପ ପ୍ରତିଷ୍ଠା ପାଇଁ ପ୍ରକ୍ରିୟା ଜାରି ରହିଥିବା ବେଳେ ନିକଟରେ ଶିଳ୍ପ କରିଡର ପାଇଁ ଜମି ଚିହ୍ନଟ ଓ ଶୁଣାଣୀ ସରିଥିବା ସେ କହିଛନ୍ତି।

## ଶହୀଦ ଭଗତ ସିଂଙ୍କ ତ୍ୟାଗ ଅତୁଳନୀୟ



ଫାଶୀ ଦିବସ ସଭାରେ ମଞ୍ଚାସୀନ ଅତିଥି।

ରାଜକନିକା,୨୩।୩ (ସଞ୍ଜୟ କୁମାର ଦାଶ)

ପୂର୍ଣ୍ଣ ସ୍ୱାଧୀନତା, ଗଣତନ୍ତ୍ରର ରକ୍ଷା, ଧର୍ମ ନିରପେକ୍ଷତାର ନଗ୍ନ ଆକ୍ରମଣ ଶୀକାର, ଦାରିଦ୍ର୍ୟ, ଅସମାନତା ଦୂର ପାଇଁ ଆଜକୁ ୯୪ ବର୍ଷ ପୂର୍ବରୁ ସହିଦ ହୋଇଥିବା ଭଗତ ସିଂ, ସୁଖରାମ ଓ ରାଜଗୁରୁଙ୍କ ଜୀବନ ତ୍ୟାଗ ଆଜି ବି ଅପୂରଣୀୟ ରହିଛି। ସେଥିପାଇଁ ଯୁବପିଢ଼ୀ ସହୀଦଙ୍କ ପ୍ରତିବଦ୍ଧତାକୁ ଆପଣେଇବାକୁ ଆହ୍ୱାନ ଦିଆଯାଇଛି। ଭାରତର ଛାତ୍ର ଫେଡେରେଶନ ଏସ୍‌ଏଫ୍‌ଆଇ ଓ ଯୁବ ଫେଡେରେଶନ ଡିୱାଇଏଫ୍‌ଆଇ ରାଜକନିକା ବ୍ଲକ କମିଟିର ମିଳିତ ଆହ୍ୱାନରେ ରାଜକନିକା ସଦର କନିକା ରାଜବାଟୀ ପରିସରରେ ରବିବାର ଭଗତ ସିଂଙ୍କ ଫାଶୀ ଦିବସ ପାଳନ କରାଯାଇଛି। ଯୁବସାଥୀ ଆଇନଜୀବୀ ମୃତ୍ୟୁଞ୍ଜୟ ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସହୀଦ ଦିବସରେ ମୁଖ୍ୟବକ୍ତା ଭାବେ ଏସ୍‌ଏଫ୍‌ଆଇର ପୂର୍ବତନ ରାଜ୍ୟ ସଭାପତି ଓ ସମ୍ପାଦକ ସନ୍ତୋଷ ଦାସ, ପୂର୍ବତନ ପ୍ରାଧ୍ୟାପକ ଡ.ପ୍ରହ୍ଲାଦ ପତି, ଅନ୍ୟତମ ବକ୍ତା ଓଷ୍ଟାର ପୂର୍ବତନ ସମ୍ପାଦକ କାଳୀପ୍ରସାଦ ନାୟକ, ଡିୱାଏଫ୍‌ଆଇର କିଶୋର ଚନ୍ଦ୍ର ସାହୁ, ଏସ୍‌ଏଫ୍‌ଆଇର ବ୍ଲକ ସଭାପତି ସୁକାନ୍ତ ମଲିକ ପ୍ରମୁଖ ଯୋଗଦେଇ ସାମ୍ପ୍ରତିକ ସମାଜର ଯୁବ ଛାତ୍ର ମାନଙ୍କ ମଧ୍ୟରେ ଦେଶପ୍ରେମ ଅନୁପାଳନ ପାଇଁ ବକ୍ତାମାନେ ଆହ୍ୱାନ ଦେଇଥିଲେ। ସଚେତନତାର ବାର୍ତ୍ତାବହ ସାଜି ରାଜକନିକାର ଯୁବ ଛାତ୍ରଙ୍କ ମଧ୍ୟରେ ସହୀଦ ଭଗତ ସିଂଙ୍କ ପ୍ରେରଣାରେ ଉଦ୍‌ବୁଦ୍ଧ ହେବାରେ ଯୁବ ଛାତ୍ରଙ୍କ ଉତ୍ସାହଜନକ ଯୋଗଦାନ କାର୍ଯ୍ୟକ୍ରମକୁ ବଳିଷ୍ଠ କରିଥିଲା। ଖବରଦାତା ସୁକାନ୍ତ ଦାଶଙ୍କ ସଂଯୋଜନାରେ ଆୟୋଜିତ ଆଜିର ଏହି କାର୍ଯ୍ୟକ୍ରମରେ ରମାକାନ୍ତ ବେହେରା, ଦିଲୀପ ରାଉତ, କଳ୍ପତରୁ ତରାଇ, ତରୁଣ ଜେନା, ସସ୍ମିତା ମାଣିକ, ଗୌତମ ବାରିକ, ପ୍ରୀତି କୁଣ୍ଡ, ବାପି ରଣା, ଅଶୋକ ରଣା, ବିଶ୍ୱଜିତ ନାୟକ, ନିର୍ମଳ ଦାଶ, ଶତ୍ରୁଘ୍ନ ଦାସ ପ୍ରମୁଖ କାର୍ଯ୍ୟକ୍ରମରେ ସାମିଲ ହେବା ସହ ମହାବିଦ୍ୟାଳୟସ୍ତରୀୟ ଏବଂ ଉଚ୍ଚ ବିଦ୍ୟାଳୟସ୍ତରୀୟ ଛାତ୍ରୀଛାତ୍ରମାନେ ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

## ଦେବେନ୍ଦ୍ର ଶର୍ମାଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି

ରାଜକନିକା,୨୩।୩ (ରବୀନ୍ଦ୍ର କୁମାର ଦାସ)

ପୂର୍ବତନ ବିଧାୟକ ତଥା ରାଜକନିକା ଆଥଲେଟିକ ଆସୋସିଏଶନର ବରିଷ୍ଠ ଉପଦେଷ୍ଟା ଦେବେନ୍ଦ୍ର ଶର୍ମାଙ୍କ ବିୟୋଗରେ ରବିବାର ରାଜକନିକା ଆଥଲେଟିକ ଆସୋସିଏଶନ ପକ୍ଷରୁ ଏକ ଶୋକସଭା ଅନୁଷ୍ଠାନର ଉପସଭାପତି କପିଳେନ୍ଦ୍ର ମଲିକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଆସୋସିଏଶନ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ଏହି ସ୍ମୃତିସଭାରେ ଅନୁଷ୍ଠାନର ଯୁଗ୍ମ ସମ୍ପାଦକ ଡ. ଫକୀର ଚନ୍ଦ୍ର ପ୍ରଧାନ, କୋଷାଧ୍ୟକ୍ଷ ଦେବେନ୍ଦ୍ର କୁମାର ନାୟକ, ମିଡ଼ିଆ ସମ୍ପାଦକ ଅଜୟ କୁମାର ରାଉତ,କାର୍ଯ୍ୟକାରୀ ସଦସ୍ୟ ରଙ୍ଗାଧର ବେହୁରା, ବିଜୟ ଭୂୟାଁ, ଶରତ ମଲିକ, କବି ପ୍ରସାଦ ପାତ୍ର, ଅରବିନ୍ଦ ବାରିକ, ପ୍ରହଲାଦ ଜେନା ପ୍ରମୁଖ ଶର୍ମାଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ନୀରବ ପ୍ରାର୍ଥନା କରି ଆସୋସିଏଶନ ପ୍ରତି ଥିବା ତାଙ୍କ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ଅନୁଷ୍ଠାନର କର୍ମକର୍ତ୍ତାମାନେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ଓଡ଼ିଆ ଭାଷା ସାହିତ୍ୟର ସୁରକ୍ଷା ଉପରେ ଗୁରୁତ୍ୱାରୋପ



ଜାତୀୟ ପାଠଚକ୍ରରେ ଯୋଗଦେଇଥିବା ଅତିଥିଙ୍କ ଗହଣରେ ଛାତ୍ରୀମାନେ।

**ଜାତୀୟ ପାଠଚକ୍ର ସମ୍ମାନ ଉଦ୍‌ଯାପିତ**

ରାଜକନିକା,୨୩।୩ (ସଞ୍ଜୟ କୁମାର ଦାଶ)

ରାଜକନିକା ବ୍ଲକ ଓଳାଭର ମହାବିଦ୍ୟାଳୟରେ ଓଡ଼ିଆ ଭାଷା ସାହିତ୍ୟ ବିଭାଗ ଆନୁକୂଲ୍ୟରେ ଜାତୀୟ ସମ୍ମାନ ଉଦଯାପିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଉଦ୍‌ଘାଟକ ଭାବେ ଅଧ୍ୟକ୍ଷ ହଳଧର ବେହେରା, ମୁଖ୍ୟଅତିଥି ଭାବେ ବିଶିଷ୍ଟ କବି ଇଂ. ଅୟସକାନ୍ତ ମହାପାତ୍ର ଓ ସମ୍ମାନିତ ଅତିଥି ଭାବେ ରବୀନ୍ଦ୍ର କୁମାର ସେନାପତି ପ୍ରମୁଖ ଯୋଗଦେଇ ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତିକୁ ନେଇ ବିଭିନ୍ନ ଦିଗ ଦିଗନ୍ତ ଓ ଏହାର ଉପାଦେୟତା ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମର ସଂଯୋଜକ ଭାବେ ଓଡ଼ିଆ ବିଭାଗୀୟ ମୁଖ୍ୟ ଡ.ସୁଧୀର କୁମାର ବାରିକ ଯୋଗଦେଇ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଆଲୋଚକ ଭାବେ ବିଶ୍ୱଭାରତୀ ଶାନ୍ତି ନିକେତନର ସହାୟକ ପ୍ରାଧ୍ୟାପକ ଇନ୍ଦ୍ରମଣି ସାହୁ, ରେଭେନ୍ସା ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରାଧ୍ୟାପକ ବାବାଜୀ ଚରଣ ପଟ୍ଟନାୟକ, ଅବସରପ୍ରାପ୍ତ ପ୍ରାଧ୍ୟାପକ ଗିରୀଶ ଚନ୍ଦ୍ର ମିଶ୍ର ଓ ଅବସରପ୍ରାପ୍ତ ପ୍ରାଧ୍ୟାପକ ନଟବର ଶତପଥୀ ପ୍ରମୁଖ ଯୋଗଦେଇ ଓଡିଆ ଭାଷା ସାହିତ୍ୟ ଓ ମହାନ ସଂସ୍କୃତିର କିପରି ଭାବେ ବିବର୍ତ୍ତନ ଘଟିଛି ଓ ଏହାର ସୁରକ୍ଷା ଦିଗକୁ ନେଇ ଗୁରୁତ୍ୱାରୋପ କରିଥିଲେ। ପାଠଚକ୍ରରେ ଯୁକ୍ତ ୩ ତୃତୀୟ ବର୍ଷ ଛାତ୍ରୀ ଅନୁପମା ସାହୁ, ଯୁକ୍ତ ୩ ଦ୍ୱିତୀୟ ବର୍ଷ ଛାତ୍ରୀ ଶୁଭଲକ୍ଷ୍ମୀ ବିଶ୍ୱାଳ ପ୍ରବନ୍ଧ ପାଠ କରିଥିଲେ। ଅଧ୍ୟାପିକା ଡ.ପୁଷ୍ପଲତା ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପିକା, ଅଧ୍ୟାପକ ଓ ଛାତ୍ରୀଛାତ୍ର ସହଯୋଗ କରିଥିଲେ।

## ୧୦ ଅପହୃତା ନାବାଳିକା ଉଦ୍ଧାର

**ଏବେ ବି ୧୮ ନିଖୋଜ**

ରାଜନଗର,୨୩।୩ (ଭାସ୍କର ରାଉତରାୟ)

କେନ୍ଦ୍ରାପଡ଼ା ଜିଲା ରାଜନଗର ଥାନା ଅଞ୍ଚଳରେ ଗତ ୩ ବର୍ଷରେ ୩୨ ନାବାଳିକା ଅପହୃତ ହୋଇଥିଲେ। ରାଜନଗର ପୋଲିସ ବିଭିନ୍ନ ସ୍ଥାନରେ ଚଢାଉ କରି ୧୦ ନାବାଳିକାଙ୍କୁ ଉଦ୍ଧାର କରିବାରେ ସକ୍ଷମ ହୋଇଛି। ପୂର୍ବରୁ ୪ ଜଣ ନାବାଳିକା ଉଦ୍ଧାର ହୋଇଥିବା ବେଳେ ଏବେ ବି ୧୮ ଜଣ ନାବାଳିକାଙ୍କୁ ଉଦ୍ଧାର କରିବାକୁ ପୋଲିସ ବିଭିନ୍ନ ସ୍ଥାନରେ ଚଢାଉ ଜାରି ରଖିଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ପୋଲିସ ଉଦ୍ଧାର ନାବାଳିକାମାନଙ୍କୁ ସେମାନଙ୍କ ପରିବାରଙ୍କୁ ହସ୍ତାନ୍ତର କରିଛି। ୯ ନାବାଳିକାଙ୍କୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ବେଳେ ଜଣେ ନାବାଳିକାଙ୍କୁ କେନ୍ଦ୍ରପଡ଼ା ସତ୍‌ଷ୍ଟେ ହୋମକୁ ପଠାଯାଇଛି। ରାଜନଗର ଥାନା ଆଇଆଇସି ନରେଶ କୁମାର ସାହୁ ଅପହୃତ ନାବାଳିକାମାନଙ୍କୁ ଉଦ୍ଧାର କରିବାକୁ ସ୍ୱତନ୍ତ୍ର ଟିମ୍ ଗଠନ କରିଥିଲେ। ଆଇଆଇସି ସାହୁଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ସବ୍‌ଇନ୍ସପେକ୍ଟର ସୌମ୍ୟରଞ୍ଜନ ଜାଲି, ଏଏସଆଇ ସୁଜାତା ନାୟକ ଓ ଶିଶିର କୁମାର ସାହୁ, କନ୍‌ଷ୍ଟେବଲ ପିଣ୍ଟୁ ନାୟକ ଓ ବିନୋଦିନୀ ବେହେରା ପ୍ରମୁଖ ବିଭିନ୍ନ ସ୍ଥାନରେ ଚଢାଇ କରି ୧୦ନାବାଳିକାଙ୍କୁ ରାଜ୍ୟ ତଥା ରାଜ୍ୟ ବାହାରୁ ଉଦ୍ଧାର କରିବାରେ ସକ୍ଷମ ହୋଇଛନ୍ତି। ଏ ନେଇ ରାଜନଗର ଥାନାର କେଶ ନଂ.୪୬/୨୦୨୨, ୩୩୫/୨୦୨୩, ୨୦୦/୨୦୨୪, ୨୭୭ /୨୦୨୪, ୪୧୩ /୨୦୨୪, ୮୦/୨୦୨୪, ୩୦୨ /୨୦୨୪, ୯୬/୨୦୨୫, ୬/୨୦୨୫, ୮୪ /୨୦୨୫ରେ ମାମଲା ରୁଜୁ ହୋଇଥିଲା। ଉଦ୍ଧାର ନାବାଳିକାମାନଙ୍କୁ କୋର୍ଟରେ ହଜାର କରାଯିବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

## ନହଙ୍ଗରେ ନିଃଶୁଳ୍କ ଚିକିତ୍ସା ଶିବିର


ସ୍ୱାସ୍ଥ୍ୟଶିବିରର ଯୋଗଦେଇଥିବା ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀ।

ଡେରାବିଶ,୨୩।୩ (ବେବର୍ତ୍ତା ଅଜୟ କୁମାର ଦାସ)

ଡେରାବିଶ ବ୍ଲକ ଅନ୍ତର୍ଗତ ନହଙ୍ଗ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଭୁବନେଶ୍ୱର ହାଇଟେକ ମେଡିକାଲ କଲେଜ ପକ୍ଷରୁ ରବିବାର ଏକ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରାପଡ଼ାର ସ୍ୱେଚ୍ଛାସେବୀ ସଙ୍ଗଠନ ମୁଡ ସଂଯୋଜନାରେ ଅନୁଷ୍ଠିତ ଏହି ଚିକିତ୍ସା ଶିବିରକୁ କେନ୍ଦ୍ରାପଡ଼ା ଅତିରିକ୍ତ ଜିଲାପାଳ ନିଲୁ ମହାପାତ୍ର ଉଦଘାଟନ କରିଥିଲେ। ମୁଡର ସଭାପତି ଶୁଭ୍ରାଂଶୁ କୁମାର ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦଘାଟନୀ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଆଇନଜୀବି ପ୍ରଦୀପ କୁମାର ଦାଶ, ମୁଡର ସମ୍ପାଦକ କୁଳମଣୀ ଗୋଛାୟତ ଓ ଅଧ୍ୟାପକ ହିମାଂଶୁ ଭୂଷଣ ପରିଡ଼ା ଯୋଗଦେଇ ଏହି ଶିବିର ଯୋଗୁ ଗ୍ରାମାଞ୍ଚଳରେ ଜନସାଧାରଣ ବିଶେଷ ଭାବେ ଉପକୃତ ହେବେ ବୋଲି ମତ ରଖିବା ସହ ଏହି କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ଏହି ଶିବିରରେ ହାଇଟେକ ମେଡିକାଲ କଲେଜର ଅଭିଜ୍ଞ ଡାକ୍ତର ସୌରଭ ଅଗ୍ରୱାଲ,ପୂର୍ଣ୍ଣ୍ୟଶ୍ଳୋକ ମହାନ୍ତି, ଡାକ୍ତର ଆଦିଶା ଚୈତନ୍ୟ, ଡାକ୍ତର ସତ୍ୟବ୍ରତ ମିଶ୍ର, ଡାକ୍ତର ଆଶୀର୍ବାଦ ବସୁ ଓ ଡାକ୍ତର ତାରାକାନ୍ତ ଦାସ ପ୍ରମୁଖ ଯୋଗଦେଇ ଜନସାଧାରଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ମାଗଣାରେ ଔଷଧ ବିତରଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଏକ ହଜାରରୁ ଊର୍ଦ୍ଧ୍ୱ ଜନସାଧାରଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। କାର୍ଯ୍ୟକ୍ରମରେ ଅଶୋକ କୁମାର ରାଉତ, ନହଙ୍ଗ ସରପଞ୍ଚ ବିଳାସିନୀ ସେଠୀ, ପ୍ରାକ୍ତନ ସରପଞ୍ଚ ରଶ୍ମିରଞ୍ଜନ ପଣ୍ଡା, ସାମାଜିକ କର୍ମୀ ପୁରୁଷୋତ୍ତମ ସାହୁ,ତାପସ ରଞ୍ଜନ ବେହେରା ଓ ନିରାକାର ମହାରଣା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଲିଫ୍ଟ ଦେବା ଆଳରେ ମହିଳାଙ୍କ ଭ୍ୟାନିଟ୍ ନେଇ ଯୁବକ ଛୁ

ରାଜକନିକା,୨୩।୩ (ରବୀନ୍ଦ୍ର କୁମାର ଦାସ)

ରାଜକନିକା ଚନ୍ଦନ ପୋଖରୀ ଛକରୁ ଜଣେ ମହିଳାଙ୍କୁ ଲିଫ୍ଟ ଦେଇ ଜଣେ ଯୁବକ ତାଙ୍କ ଭ୍ୟାନିଟ୍ ନେଇ ଛୁ ମାରିଛନ୍ତି। ସେହି ଭ୍ୟାନିଟ୍‌ରେ ନଗଦ ୮ ହଜାର ଟଙ୍କା ସହିତ ସୁନା ଅଳଙ୍କାର ଥିଲା ବୋଲି ମହିଳା ଜଣକ ଥାନାରେ ଅଭିଯୋଗ କରିଛନ୍ତି। ସୂଚନା ଅନୁଯାୟୀ, ରାଜନଗର ଦିଗୀ ଈଶ୍ୱରପୁର ଗାଁର ସୁମିତ୍ରା ବେହେରା ନିଜ ବାପଘର ଭଦ୍ରକ ପୀରହାଟ ମାଣଖଣ୍ଡି ଗାଁରୁ ଆସି ଚନ୍ଦନ ପୋଖରୀ ଛକରେ ଶାଶୁଘର ଗାଁକୁ ଯିବାକୁ ଅପେକ୍ଷା କରିଥିଲେ। ଜଣେ ଯୁବକ ତାଙ୍କୁ ଲିଫ୍ଟ ଦେଇଥିଲେ। ସୁମିତ୍ରା ସମ୍ପୃକ୍ତ ଯୁବକଙ୍କ ଗାଡ଼ିରେ ବସିଥିଲେ। ଯୁବକ ଜଣକ କିଛିବାଟ ଯିବା ପରେ ତାଙ୍କ ଭ୍ୟାନିଟ୍‌କୁ ବାଇକ୍ ଡ଼ିକିରେ ରଖିବାକୁ କହିଥିଲେ। ସୁମିତ୍ରା ବିଶ୍ୱାସରେ ଯୁବକଙ୍କୁ ଭ୍ୟାନିଟ୍ ଦେଇଦେଇ ଥିଲେ। ଏହାପରେ ଯୁବକ ଜଣକ ବାଇକ୍ ଚଳାଇ କିଛି ବାଟ ଯିବାପରେ ସୁମିତ୍ରାଙ୍କୁ କୌଶଳ କ୍ରମେ ଓହ୍ଲାଇ ଦେଇ ଚମ୍ପଟ ମାରିଥିଲେ। ଏ ସଂକ୍ରାନ୍ତରେ ସୁମିତ୍ରା ରବିବାର ରାଜକନିକା ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏ ନେଇ ତଦନ୍ତ ଆରମ୍ଭ କରିଛି।

## ରାଜ୍ୟସ୍ତରୀୟ ଭଲି ପ୍ରତିଯୋଗିତା ପାଇଁ କେନ୍ଦ୍ରାପଡ଼ା ଦଳ

କେନ୍ଦ୍ରାପଡ଼ା,୨୩।୩ (ଜଗନ୍ନାଥ ଧଳ)

ରାଜ୍ୟସ୍ତରୀୟ ଭଲି ବଲ ପ୍ରତିଯୋଗିତାରେ ଭାଗନେବା ପାଇଁ କେନ୍ଦ୍ରାପଡ଼ା ଦଳ ମନୋନୀତ ହୋଇଛି। କିଟ୍ ଓ କିସ୍ ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହେବାକୁ ଥିବା ଏହି ପ୍ରତିଯୋଗିତାରେ କନିଷ୍ଠ ଓ ବରିଷ୍ଠ ବର୍ଗର ବାଳକ ଏବଂ ବାଳିକା ଅଂଶଗ୍ରହଣ କରିବେ। ବାଳିକା ବିଭାଗରେ ସୁଚିତ୍ରା, ମାମୁନି, ମନିଷା, ଲିମା, ସ୍ମରଣିକା, ସ୍ୱାଗତିକା, ଅର୍ପିତା, ପୁଷ୍ପାଞ୍ଜଳି, ମନୋରମା, ସିତାରା, ଅଫ୍ରିନ, ଇତିଶ୍ରୀ ପ୍ରମୁଖ ମନୋନୀତ ହୋଇଛନ୍ତି। କୋଚ ଭାବେ ସ୍ୱସ୍ତିତା ପଣ୍ଡା ପିଲାମାନଙ୍କୁ ନେଇ ରବିବାର ଯାତ୍ରା କରିଛନ୍ତି। ସେହିପରି ବାଳକ ବିଭାଗରେ ପ୍ରବୀର, ସାଇମନ, ନାଗେଶ୍ୱର, ସାଗର, ଜ୍ୟୋତି, ଦିଲୁ, ଆରିଫ, ବିବେକ, ଚିରଞ୍ଜିବୀ, ସତ୍ୟଜିତ, ଚନ୍ଦନ ମନୋନୀତ ହୋଇଛନ୍ତି। ବାଳକ ବିଭାଗର କୋଚ ଭାବେ ଦେବାଶିଷ ରଣା ରହିଛନ୍ତି।

## ଇନ୍ତେଯାମିଆ କମିଟି ପକ୍ଷରୁ ଇଫ୍‌ତାର ପାର୍ଟି



ଇଫ୍‌ତାର ପାର୍ଟିରେ ଆଳି ବିଧାୟକ ଓ ଅନ୍ୟମାନେ।

ଆଳି,୨୩।୩ (ବନମାଳୀ ସେନାପତି)

ଆଳି ବ୍ଲକ ମେଣ୍ଟପୁର ପଞ୍ଚାୟତ ମିଲତନଗରରେ ଇନ୍ତେଯାମିଆ କମିଟି ପକ୍ଷରୁ ଇଫତାର ପାର୍ଟି ଅନୁଷ୍ଠିତ ହୋଇଯାଇଛି। ଏହି ପାର୍ଟିରେ ଆଳି ବିଧାୟକ ପ୍ରତାପ କେଶରୀ ଦେବ, ବିଜେଡିର ଏମ୍‌ପି ପ୍ରାର୍ଥୀ ଅଂଶୁମାନ ମହାନ୍ତି, ମେଣ୍ଟପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ପ୍ରତାପ ସାହୁ, ବ୍ଲକ ବିଜେଡି ସଭାପତି ସନାତନ ମିଶ୍ର,ରାଜକନିକା ବ୍ଲକ୍ ଅଧ୍ୟକ୍ଷଙ୍କ ପ୍ରତିନିଧି ପବିତ୍ର ରାଉତ,ପ୍ରଦୀପ ରାଉତ, ଆଖୁଲିପଡା ସରପଞ୍ଚ ନଇମ ଖାନ, ସମିତିସଭ୍ୟ ସତ୍ୟସୁନ୍ଦର ପତି,ରାଶିଦ ଖାନ,ସେକ କାଦର ପ୍ରମୁଖ ଯୋଗଦେଇ ଥିଲେ। ମୌଲାନା ଯାହାଙ୍ଗୀର ନମାଜ ପାଠ କରାଇବା ପରେ ଉପବାସ ରଖିଥିବା ମୁସଲିମ ଭାଇମାନେ ସେମାନଙ୍କ ସହ ମିଶି ରୋଜା ଖୋଲିଥିଲେ। ଏହି କାର୍ଯ୍ୟକ୍ରମକୁ ଇନ୍ତେଯାମିଆ କମିଟିର ସଭାପତି ସେକ ସଲିମ, ସମ୍ପାଦକ ସେକ ହାଫିଜ, ସେକ୍ ଆଜିମ, ସେକ୍ କାଲୋ ,ସେକ୍ ଆଜାଦ, ସେକ୍ ଇସଲାମ, ସେକ୍ ସଦାମ, ସେକ ଇମ୍ରାନ,ସେକ ଅବଦୁଲ,ସେକ୍ ମୋଯୋ, ସେକ ଟୁନୁ, ସେକ ଲିଆକତ, ସେକ ସୟଦ, ସେକ ରାଶିଦ, ସେକ ଇସମାଇଲ, ସେକ ମଞ୍ଜର, ସେକ ଆରମାନ ପ୍ରମୁଖଙ୍କ ସମେତ ଅନ୍ୟମାନେ ପରିଚାଳନା କରିଥିଲେ।

# ବର୍ଷାରେ ହେଲା ପିଚୁ କାମ

■ ଗ୍ରାମବାସୀଙ୍କ ପ୍ରତିବାଦକୁ ଠିକାସଂସ୍ଥାର ବେଖାତିର
■ ଉଠିଯାଉଛି ଫଡ଼ାଫଡ଼ା ପିଚୁ

ପଟ୍ଟାମୁଣ୍ଡାଇ,୨୩।୩ (କଳ୍ପତରୁ ନାୟକ)

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଜଳସମ୍ପଦ ବିଭାଗ ଅଧୀନ ଗୋବରୀ ସମ୍ପ୍ରସାରିତ କେନାଲ ଦକ୍ଷିଣପାର୍ଶ୍ୱ ଅରଡା ପୋଲ ନିକଟରୁ ଗଣ୍ଡାକିଆ ପର୍ଯ୍ୟନ୍ତ ପ୍ରାୟ ୭ କିମି ରାସ୍ତା ନିର୍ମାଣରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଶନିବାର ପୂର୍ବାହ୍ନରେ ଲାଗାତାର ବର୍ଷା ସତ୍ତ୍ୱେ ରାସ୍ତାରେ ପିଚୁ କାମ କରାଯାଉଥିବା ଦେଖିବାକୁ ମିଳିଛି। ଗୋଡି ଉପରେ ପାଣି ଥରବା ବେଳେ ଝାଡୁ ମାରି ଏଭଳି ବର୍ଷାରେ ପିଚୁ ଢଳାଯାଇ ରାସ୍ତା ତିଆରି କରାଯାଉଥିବାରୁ ସ୍ଥାୟୀତ୍ୱକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବିଭାଗୀୟ ଯନ୍ତ୍ରୀଙ୍କ ଅନୁପସ୍ଥିତିରେ ଏଭଳି ବର୍ଷା ସମୟରେ ପିଚୁ ନ କରି ଶୁଖିଲା ପାଗରେ ପିଚୁ କରିବାକୁ ସ୍ଥାନୀୟ ଲୋକମାନେ ଠିକା ସଂସ୍ଥାକୁ ପରାମର୍ଶ ଦେଇଥିଲେ ମଧ୍ୟ ଠିକା ସଂସ୍ଥା ଜନସାଧାରଣଙ୍କ ପରାମର୍ଶକୁ ଭୃକ୍ଷେପ ନ କରି ପିଚୁ କାମ କରୁଥିବାରୁ ଏଠାରେ ଅସନ୍ତୋଷ ପ୍ରକାଶ ପାଇଥିଲା।

କଂଗ୍ରେସ ନେତା ମଳୟ ଦାସ, ପ୍ରକାଶ ମହାନ୍ତି, ତୁଷାକାନ୍ତ ରାୟଙ୍କ ସମେତ ସ୍ଥାନୀୟ ଲୋକେ କୁହନ୍ତି, ଅରଡା ପୋଲ ନିକଟରୁ ଗଣ୍ଡାକିଆ ପର୍ଯ୍ୟ' ପ୍ରାୟ ୭ କିଲୋମିଟର ରାସ୍ତାରେ ୧୧ କୋଟି ଟଙ୍କା ବ୍ୟୟ ବରାଦ କରାଯାଇ ଜଳସମ୍ପଦ ବିଭାଗ ଟେଣ୍ଡର କରିଥଲେ। ଏନେଇ ବିଭାଗ ପକ୍ଷରୁ କାମ ସ୍ଥିର କରାଯାଇ ଠିକା ସଂସ୍ଥା ସହ ଚୁକ୍ତି ହେଲା। ରାସ୍ତାର ବାମପାର୍ଶ୍ୱରେ ହାଇଲେଭଲ କେନାଲ ରହିଥିବା ହେତୁ ରାସ୍ତା ଓସାର ଦକ୍ଷିଣ ପାର୍ଶ୍ୱରେ ହେବ ବୋଲି ସ୍ଥିର କରାଯାଇଛି। ହେଲେ ଆରମ୍ଭରୁ ଠିକାଦାରଙ୍କ ମନମାନି ଚାଲି ଆସିଛି। ବାହାରୁ ମାଟି ଆଣି ରାସ୍ତା କାମରେ ଲଗାଇବାର ନିୟମ ଥିବା ବେଳେ ଠିକାଦାର କେନାଲ ରାସ୍ତା ଉଭୟ ପାର୍ଶ୍ୱ ଖୋଳି ମାଟି ଆଣି କାମରେ ଲଗାଇ ଚାଲିଥିଲେ। ଏଥିପାଇଁ ବହୁ ପୁରୁଣା ଗଛ ସବୁ ଟଳି ପଡିଥିଲା। ଏନେଇ ସ୍ଥାନୀୟ ଲୋକେ ବନ ବିଭାଗ, ତହସିଲଦାର, ଜିଲା ଖଣି ବିଭାଗ ଓ ଜିଲା ପ୍ରଶାସନଙ୍କ ଦ୍ୱାରସ୍ଥ ହୋଇଥିଲେ ମଧ୍ୟ ଠିକାଦାର କିଛି ନ ଶୁଣି ମାଟିତାଢି କାମ କରିଚାଲିଥିଲେ। ଶନିବାର ପ୍ରବଳ ବର୍ଷା ଓ ପବନ ହେବାରୁ ଗଛ ମୂଳରୁ ମାଟି ଖୋଳା ଯାଇଥିବାରୁ ଏକାଧିକ ଗଛ ଟଳିପଡିଛି। ଅପରପକ୍ଷେ ଶନିବାର ପିଚୁ କାମ ଆରମ୍ଭ ସମୟରେ ପ୍ରବଳ ବର୍ଷା ହୋଇଥିବା କାରଣରୁ ରାସ୍ତା ଉପରରେ ପାଣି ରହିଥିଲା। ଏହି ଅବସ୍ଥାରେ ପିଚୁ ପକା ଯାଉଥିଲା। ଏହି ସମୟରେ ବିଭାଗ ପକ୍ଷରୁ କେହି ନ ଥିଲେ। ତେବେ ଗ୍ରାମବାସୀ ଯେତେ ପ୍ରତିବାଦ କରିଥିଲେ ମଧ ସମ୍ପୃକ୍ତ ଠିକାଦାରଙ୍କ ସୁପରଭାଇଜର ଗ୍ରାମବାସୀଙ୍କ ଆଗରେ ଦବଙ୍ଗଗିରି ଦେଖାଇଥିଲେ। ଏପରି କି ପ୍ରଚଣ୍ଡ ବର୍ଷାରେ ପିଚୁ କାମ କରି ଚାଲିଥିଲେ। ଯାହା ଏବେ ପିଚୁ ଉପରେ ପାଦ ରଖିଲେ ପଚପଚ ହେଉଥିବା ବେଳେ ହାତରେ ଉଠି ଯାଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରଛନ୍ତି। ସରକାରୀ ନିୟମକୁ ଖୋଲାଖୋଲି ଉଲ୍ଲଂଘନ କରାଯାଇ ବର୍ଷାରେ ଦୀର୍ଘ ୨ ଶହ ମିଟର ପର୍ଯ୍ୟନ୍ତ ପିଚୁ ପଡିଥିବା ବେଳେ ରାସ୍ତାର ସ୍ଥାୟିତ୍ୱକୁ ନେଇ ପ୍ରଶ୍ନ ଉଠିଛି। ତେଣୁ ପକାଯାଇଥିବା ପିଚୁକୁ ଖୋଳାଯାଇ ନୂତନ ଭାବେ କାମ କରା ନ ଗଲେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ସ୍ଥାନୀୟ ଗ୍ରାମବାସୀ କହିଛନ୍ତି। ସେପଟେ କାମ କରୁଥିବା ଶ୍ରମିକ କହିଛନ୍ତି, ବହୁ ଦୂରରୁ ପିଚୁ ମିକ୍ସ ହୋଇ ଆସୁଛି। ତେଣୁ ତାକୁ ତୁରନ୍ତ କାମରେ ନ ଲଗାଇଲେ ଗାଡ଼ିରେ ଜମାଟ ବାନ୍ଧି ଯିବ। ତେଣୁ ବର୍ଷା ହେଲେ ମଧ୍ୟ କାମ କରିବାକୁ ପଡୁଛି। ବିଭାଗ ପକ୍ଷରୁ ଅଣଦେଖା କରାଯାଉ ଥିବା ଯୋଗୁ ଠିକାସଂସ୍ଥା ନିମ୍ନମାନର କାର୍ଯ୍ୟ କରୁଥିବା ଲୋକେ କହିଛନ୍ତି। ଥରେ ତିଆରି କରିବା ପରେ ରାସ୍ତାର ଅବସ୍ଥା କେହି ବୁଝିବେ ନାହିଁ। ରାସ୍ତା ସମସ୍ୟାକୁ ନେଇ ଗୁହାରୀ କଲେ କେହି ଶୁଣନ୍ତି ନାହିଁ ବୋଲି ଲୋକେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ପଟ୍ଟାମୁଣ୍ଡାଇ ଜଳସମ୍ପଦ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ଆଶିଷ ସ୍ୱାଇଁଙ୍କୁ ଫୋନରେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନକଲ୍ ଗ୍ରହଣ କରି ନ ଥିଲେ। ଏନେଇ ଅଳଭା-୧ ଜେଇ ସୁନୀଲ ନାୟକଙ୍କୁ ପଚାରିବାରେ ଠିକାଦାର ବର୍ଷାରେ କାମ କରିବା ପରିତାପର ବିଷୟ। ଏ ସମସ୍ୟା ସମ୍ପର୍କରେ କୌଣସି ମତାମତ ଦେଇପାରିବିନି ବୋଲି କହିଛନ୍ତି।


ବର୍ଷାରେ ନିର୍ମାଣ ହୋଇଥିବା ରାସ୍ତା। ରାସ୍ତା ପାର୍ଶ୍ୱରୁ ମାଟି ଖୋଳି ନିଆଯାଇଛି।

# ବଦଳାଯାଉଛି ସାଇନ୍‌ବୋର୍ଡ, ବଦଳୁନି କାରିଗରଙ୍କ ସମସ୍ୟା

ଖଣ୍ଡପଡ଼ା, ୨୩।୩
(ଅଜୟ କୁମାର ମହାରଣା)

ସମୟ ଥିଲା ଖଣ୍ଡପଡା ଅଞ୍ଚଳର କୁଶଳୀ କାରିଗରମାନଙ୍କ ଦ୍ୱାରା ପ୍ରସ୍ତୁତ କାଠ, ହାତୀଦାନ୍ତ ଓ ସିଂଘରେ ନିର୍ମିତ ବହୁ ସୌଖୀନ ସାମଗ୍ରୀ ରାଜ୍ୟ ଓ ରାଜ୍ୟ ବାହାରେ ବେଶ ଆଦୃତ ଲାଭ କରିଥିଲା । ବିଭିନ୍ନ ସମୟରେ ଏହି ଅଞ୍ଚଳକୁ ବୁଲି ଆସୁଥିବା ପର୍ଯ୍ୟଟକମାନେ ଖଣ୍ଡପଡ଼ା ସହରର କୁନ୍ଦୁରା ସାହିକୁ ଯାଇ କାରିଗରମାନଙ୍କ ଦ୍ୱାରା ନିର୍ମିତ ସାମଗ୍ରୀ କ୍ରୟ କରୁଥିଲେ । କାଠ ଓ ସଂଘରେ ନିର୍ମିତ ହଂସ, ବାଘ, ବଗ, ସିଂହ, କାଉ, ହରିଣ ଆଦି ଘର ସଜାଇବା ସାମଗ୍ରୀ ସମେତ ନିତ୍ୟ ବ୍ୟବହାର ଯୋଗ୍ୟ କାଠ ଓ ଶିଂଘ ପାନିଆ ତିଆରି କରି କାରିଗର ପରିବାର ଭଲ ରୋଜଗାର କରୁଥିଲେ । ହେଲେ ଏବେ ସେହି କାରିଗରମାନେ ଦୁଃଖକଷ୍ଟରେ ଚଳୁଛନ୍ତି । ସରକାରୀ ପ୍ରୋତ୍ସହନର ଅଭାବ ଯୋଗୁ ସେମାନେ ମୁଣ୍ଡରେ ହାତଦେଇ ବସିଛନ୍ତି ।

ଖଣ୍ଡପଡ଼ା ସହରର ୮ନଂ.ୱାର୍ଡ ଅଧୀନ କୁନ୍ଦୁରା ସାହିରେ ବାସ କରୁଥିବା କାରିଗର ପରିବାର କୌଳିକ ବୃତ୍ତିକୁ ଆପଣେଇ ବିଭିନ୍ନ ସୌଖୀନ ସାମଗ୍ରୀ ପ୍ରସ୍ତୁତ କରିବା ପରେ ବଜାରରେ ବିକ୍ରି କରି ବେଶ ଲାଭବାନ ହେଉଥିଲେ । ମାତ୍ର ଏବେ ସମୟ ବଦଳି ଯାଇଛି । ଆବଶ୍ୟକ କଞ୍ଚାମାଲର ଅଭାବ ସାଙ୍ଗକୁ ସରକାରୀ ପ୍ରୋତ୍ସାହନର ଅଭାବ ପାଇଁ ଏହି କାରିଗର ପରିବାର ପୂର୍ବପରି କାଠ ଓ ଶିଂଘର ସାମଗ୍ରୀ ପ୍ରସ୍ତୁତ କରିପାରୁନାହାନ୍ତି । ହେଲେ



ଅବହେଳିତ ହୋଇ ପଡ଼ିଥିବା କାଷ୍ଠ ଓ ହସ୍ତୀଦନ୍ତ ସମିତି ଗୃହ ।

## ଜରାଜୀର୍ଣ୍ଣ ଅବସ୍ଥାରେ କାଷ୍ଠ ଓ ହସ୍ତୀଦନ୍ତ ସମିତିଗୃହ

ଅନେକ କୁଶଳୀ କାରିଗର ସେମାନଙ୍କ କୌଳିକ ବୃତ୍ତିକୁ ଛାଡି ନ ପାରି ଦୁଃଖ ଓ ଦୁର୍ଦ୍ଦିନରେ ଦିନ କାଟୁଛନ୍ତି । ଏ ସମ୍ପର୍କରେ କାରିଗର ପରିବାର ବିଭାଗୀୟ ଉଚ୍ଚ ଅଧିକାରୀଙ୍କଠାରୁ ଆରମ୍ଭ କରି ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ ହେଁ ଫଳ ଘର ଶୂନ ବୋଲି ଜଣାପଡିଛି । କାରିଗରମାନଙ୍କ ସମସ୍ୟାକୁ ଦୃଷ୍ଟିରେ ରଖି ଖଣ୍ଡପଡ଼ା ସହରର ଉପ କାରାଗାର ସମ୍ମୁଖରେ ୧୯୬୮ରେ ସ୍ଥାପିତ ହସ୍ତୀଦନ୍ତ ଓ କାଷ୍ଠ କାରିଗରୀ ସମିତି ଗୃହଟି ଦୀର୍ଘ ବର୍ଷ ଧରି ରକ୍ଷଣାବେକ୍ଷଣ ଅଭାବରୁ ଏବେ ଜରାଜୀର୍ଣ୍ଣ ଅବସ୍ଥାରେ ପଡିରହିଛି । ଉକ୍ତ ସମିତି ଗୃହର ପୁନଃରୁଦ୍ଧାର ଦିଗରେ କାହାର ଆନ୍ତରିକତା ନ ଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ଖଣ୍ଡପଡା ଅଞ୍ଚଳର କାରିଗରମାନେ କହିଛନ୍ତି । କେନ୍ଦ୍ର ଓ ରାଜ୍ୟ ସରକାର କାରିଗର ପରିବାରଗୁଡିକୁ ସ୍ୱବଲମ୍ବୀ କରିବା ନିମନ୍ତେ ଅନେକ କଲ୍ୟାଣକାରୀ ଯୋଜନା ପ୍ରଣୟନ କରିଥିଲେ ହେଁ ଏହାର ସୁଫଳ ପାଇବାରୁ କାଷ୍ଠ ଓ ସିଂଘ କାମ କରୁଥିବା ପରିବାର ବଞ୍ଚିତ ହୋଇଛନ୍ତି । ଅପରପକ୍ଷେ ରାଜ୍ୟ ସରକାରଙ୍କ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ପକ୍ଷରୁ ଖଣ୍ଡପଡ଼ା ସହରର କୁନ୍ଦୁରାସାହି ନିକଟରେ ଏକ ସାଇନବୋର୍ଡ ଲଗାଯିବା ଘଟଣା କାରିଗର ପରିବାର ପ୍ରତି ଉପହାସ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି । ବାସ୍ତବରେ କାରିଗର ପରିବାର ବିଭିନ୍ନ ମୌଳିକ ସମସ୍ୟାର ସମାଧାନ ଦିଗରେ ପ୍ରଶାସନ ଦୃଷ୍ଟି ଦେବା ସହ ଜରାଜୀର୍ଣ୍ଣ ଅବସ୍ଥାରେ ଥିବା ହସ୍ତୀଦନ୍ତ ଓ କାଷ୍ଠ କାରିଗରୀ ସମିତି ଗୃହର ପୁନଃରୁଦ୍ଧାର ଦିଗରେ ପ୍ରଶାସନ ଦୃଷ୍ଟି ଦେବାକୁ ଖଣ୍ଡପଡା କୁନ୍ଦୁରା ସାହିରେ ବାସ କରୁଥିବା କାରିଗର ପରିବାରନ୍‌ଗୁଡିକ ଦାବି କରିଛନ୍ତି । ଏଥିପ୍ରତି ନୟାଗଡ଼ ଜିଲାପାଳ, ଖଣ୍ଡପଡ଼ା ବିଧାୟକ ଓ କଟକ ଏମ୍‌ପି ଦୃଷ୍ଟି ଦେବାକୁ ଦାବି ହେଉଛି ।

# ଜଗନ୍ନାଥପୁର କ୍ଲବ୍ ଚାମ୍ପିୟନ



ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳି ।

ଖଣ୍ଡପଡ଼ା, ୨୩।୩ (ଅଜୟ କୁମାର ମହାରଣା)

## ବାସୁଦେବପୁର ଚ୍ୟାଲେଞ୍ଜ କପ୍ କ୍ରିକେଟ

ଖଣ୍ଡପଡ଼ା ବ୍ଲକ୍ ବନମାଳୀପୁର ପଞ୍ଚାୟତସ୍ଥିତ ବାସୁଦେବପୁର ଉଚ୍ଚ ବିଦ୍ୟାଳୟ ଖେଳ ପଡିଆରେ ୬ଟି ଦଳକୁ ନେଇ ୨ ଦିନିଆ କ୍ରିକେଟ ଟୁର୍ଣ୍ଣାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି । ବାସୁଦେବପୁର କ୍ରିକେଟ କ୍ଲବ ଆନୁକୂଲ୍ୟରେ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟରେ ଜଗନ୍ନାଥପୁର କ୍ରିକେଟ କ୍ଲବ୍ ଧଳାବନ୍ଧ କ୍ରିକେଟ କ୍ଲବକୁ ୬ ଉଇକେଟରେ ହରାଇ ଚାମ୍ପିୟନ ହୋଇଛି । ରବିବାର ଫାଇନାଲ ମ୍ୟାଚରେ ଧଳାବନ୍ଧ ଟିମ ପ୍ରଥମେ ବ୍ୟାଟିଂ ଆରମ୍ଭ କରି ନିର୍ଦ୍ଧାରିତ ଓଭରରେ ସମସ୍ତ ଉଇକେଟ ବିନିମୟରେ ୭୭ ରନ ସଂଗ୍ରହ କରିଥିଲା । ଜବାବ୍‌ରେ ଜଗନ୍ନାଥପୁର ଦଳ ୯ ଓଭରରେ ୪ଉଇକେଟ ହରାଇ ଆବଶ୍ୟକ ରନ ସଂଗ୍ରହ କରି ବିଜୟୀ ହୋଇ ଟୁର୍ଣ୍ଣାମେଣ୍ଟର ଚାମ୍ପିୟନ ବିବେଚିତ ହୋଇଛି । ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳୀ ଭାବେ ଚାମ୍ପିୟନ ଦଳର ଜିତ ଜୟ ପ୍ରକାଶ ସାହୁ ପୁରସ୍କୃତ ହୋଇଥିବା ବେଳେ ମାନସ ସାହୁ ଓ ଜନ୍ତେ ସାହୁ ଖେଳକୁ ପରିଚାଳନା କରିଥିଲେ । ଆଜିର ଫାଇନାଲ ମ୍ୟାଚରେ ମୁଖ୍ୟ ଅତିଥି ଭାବେ ବନମାଳୀପୁର ସରପଞ୍ଚ ବାସନ୍ତୀ ବେହେରା, ସମ୍ମାନୀତ ଅତିଥି ଭାବେ ୱାର୍ଡ ସଭ୍ୟ ଲକ୍ଷ୍ମୀଧର ଚୌଧୁରୀ, ଦାଶରଥୀ ସାହୁ, ଖଣ୍ଡପଡା ନଗର କଂଗ୍ରେସ ସଭାପତି ସନ୍ତୋଷ କୁମାର ସାହୁ ପ୍ରମୁଖ ଯୋଗଦେଇ ଖେଳାଳୀ ଓ ଆୟୋଜକଙ୍କୁ ଉତ୍ସାହିତ କରିବା ସହ ଚାମ୍ପିୟନ ଓ ରନରଅପ୍ ଟିମକୁ ପୁରସ୍କାର ଓ ଟ୍ରଫି ପ୍ରଦାନ କରିଥିଲେ ।

# ବିଶ୍ୱଶାନ୍ତି ମହାଯଜ୍ଞ, କଳସ ଶୋଭାଯାତ୍ରା

ଖଣ୍ଡପଡ଼ା, ୨୩।୩
(ଅଜୟ କୁମାର ମହାରଣା)

କଣ୍ଟିଲୋ ନିକଟସ୍ଥ କାଳିଆପଲ୍ଲୀ ଗ୍ରାମରେ ୩ ଦିନ ବ୍ୟାପୀ ଅଷ୍ଟପ୍ରହର ନାମଯଜ୍ଞ ଓ ବିଶ୍ୱଶାନ୍ତି ମହାଯଜ୍ଞ ରବିବାର ଠାରୁ ଆରମ୍ଭ ହୋଇଛି । ଶନିବାର ଅଧିବାସ ପାଇଁ କାଳିଆପଲ୍ଲୀ ଲୋକମାନେ ନୀଳମାଧବଙ୍କ ମନ୍ଦିର ପାଦଦେଶରେ ପ୍ରବାହିତ ମହାନଦୀରୁ ଜଳ ସଂଗ୍ରହ କରି ଏକ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରି କଳସୀଗୁଡ଼ିକୁ ଯଜ୍ଞ ବେଦୀ ନିକଟରେ ସ୍ଥାପନ କରିଥିଲେ । ଏହି ଶୋଭାଯାତ୍ରାରେ ଶବର ଜାତିର ଚିରାଚରିତ ନୃତ୍ୟ, ପାକ ଖେଳ ପରିବେଷଣ କରାଯାଇଥିଲା । ଆସନ୍ତା ୨୪ ତାରିଖରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କାଳିଆପଲ୍ଲୀ ଗ୍ରାମଠାରେ ଭାରତୀୟ ବିଶ୍ୱାବସୁ ଶବର ସମାଜ ପ୍ରତିଷ୍ଠାନର ପ୍ରତିଷ୍ଠା ଦିବସ ଉପଲକ୍ଷେ ଆୟୋଜିତ ସଭାରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ।





ଦଶପଲ୍ଲାରେ ଆୟୋଜିତ ବଳିଦାନ ଦିବସ ସଭାରେ ମଞ୍ଚାସୀନ ଅତିଥି ।

# ଦଶପଲ୍ଲାରେ ବଳିଦାନ ଦିବସ

ନୟାଗଡ଼/ଦଶପଲ୍ଲା, ୨୩।୩
(ଲୋକନାଥ ମିଶ୍ର/ପ୍ରକାଶ ପାଣି)

ଭାରତର ଗଣତାନ୍ତ୍ରିକ ଯୁବ ଫେଡରେଶନ ପକ୍ଷରୁ ଦଶପଲ୍ଲା ବ୍ଲକ ଚଢ଼େୟାପଲ୍ଲୀ ପଞ୍ଚାୟତ ଯୁରଗଣ୍ଡା ଗ୍ରାମରେ ସହିଦ ଭଗତ ସିଂଙ୍କ ବଳିଦାନ ଦିବସ ରବିବାର ପାଳନ କରାଯାଇଛି । ପ୍ରଥମେ ସହିଦଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କଲାପରେ ଆଲୋଚନା ସଭା ଗୋପବନ୍ଧୁ ଜାନିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ସଙ୍ଗଠନର ବ୍ଲକ କମିଟି ସମ୍ପାଦକ ବିପିନ କୁମାର ବାଜୁ ସ୍ୱାଗତ ଭାଷଣ ଦେଲାପରେ, ଆଦିବାସୀ ନେତା ଶ୍ରୀନିବାସ ଜାନି ସମ୍ମାନିତ ଅତିଥି, ଆଡଭୋକେଟ ଶରତ ଚନ୍ଦ୍ର ବେହେରା ମୁଖ୍ୟବକ୍ତା ଭାବେ ଓ ବିଶିଷ୍ଟ ଲେଖକ ତଥା ବାମପନ୍ଥୀ ନେତା ବିଶ୍ୱନାଥ ମହାପାତ୍ର ମୁଖ୍ୟଅତିଥି ଭାବେ ସହିଦଙ୍କ ସ୍ମୃତିଚରଣ ସହିତ ତାଙ୍କ ସଂଗ୍ରାମ ଓ ବଳିଦାନ ବିଷୟରେ ଆଲୋଚନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଯୁବନେତା ମୁନା ନାୟକ, କୃଷକ ନେତା ବ୍ରଜବନ୍ଧୁ ପ୍ରଧାନ, ଯୁବ ଫେଡେରେଶନର ବ୍ଲକ ସଭାପତି ସୁଶାନ୍ତ ନାୟକ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ । ବିପ୍ର ଚାରଣ ଜାନି ଧନ୍ୟବାଦ ଦେଇଥିଲେ ।

# ରକ୍ତଦାନ ଶିବିର, ୩୧ ୟୁନିଟ୍ ସଂଗ୍ରହ



ଆୟୁଷ୍ମାନ ଆରୋଗ୍ୟ ମନ୍ଦିରରେ ଆୟୋଜିତ ରକ୍ତଦାନ ଶିବିର ।

ଖଣ୍ଡପଡ଼ା, ୨୩।୩
(ଅଜୟ କୁମାର ମହାରଣା)

ଭାପୁର ବ୍ଲକ୍ ଧାନଚେଙ୍ଗଡା ପଞ୍ଚାୟତ ଅଧୀନ ମହୁଲବେରେଣାସ୍ଥିତ ଆୟୁଷ୍ମାନ ଆରୋଗ୍ୟ ମନ୍ଦିରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି । ଶିବିରରୁ ମୋଟ ୩୧ ୟୁନିଟ ରକ୍ତ ସଂଗୃହୀତ ହୋଇଛି । ମହୁଲବେରେଣା ଯୁବକ ସଂଘ ଓ ଖଣ୍ଡପଡ଼ା ପଠାଣି ସାମନ୍ତ ପୂଜ୍ୟପୂଜା ମିଳିତ ଆନୁକୂଲ୍ୟରେ ଆୟୋଜିତ ରକ୍ତଦାନ ଶିବିରରେ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟ ରକ୍ତ ଭଣ୍ଡାର କର୍ତ୍ତୃପକ୍ଷ ଉପସ୍ଥିତରେ ଡାକ୍ତର ଶୁଭଶ୍ରୀ ନାଥ ରକ୍ତଦାତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ରକ୍ତ ସଂଗ୍ରହ କରିଥିଲେ । ଖଣ୍ଡପଡ଼ା ଯୁବକ ସଂଘର ସଦସ୍ୟମାନେ ପରିଚାଳନା କରିଥିଲେ । ସାମାଜିକ କର୍ମୀ ମହେନ୍ଦ୍ର କୁମାର ବାରିକଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ସ୍ଥାନୀୟ ଯୁବକ ସଂଘର ସଦସ୍ୟ ଅଭିମନ୍ୟୁ ପ୍ରଧାନ, ସୁବର୍ଣ୍ଣ ମାଝୀ, ସୁଦାମ ଧଳ, ନିଧି ସାମଲ, ମାଧବ ମାଝୀ, ନାରାୟଣ ମକୁଟ, ବାଦଲ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ବାର୍ଷିକ ସାଧାରଣ ବୈଠକ, ବୋଇତ ବନ୍ଦାଣ

ଖଣ୍ଡପଡ଼ା, ୨୩।୩
(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ନବକ୍ରୋଶ ରାଜ୍ୟ ତୈଳିକ ବୈଶ୍ୟ ସମାଜର ୮୭ତମ ସାଧାରଣ ଅଧୀବେଶନ ୨ଦିନ ବ୍ୟାପୀ ଖଣ୍ଡପଡ଼ା ବ୍ଲକ୍ ଅଧୀନ ଢୋଲମରା ପଞ୍ଚାୟତ କୃଷ୍ଣଚନ୍ଦ୍ରପୁର ବାଳିକା ବିଦ୍ୟାଳୟ ନିକଟ ଆମ୍ରକାନନଠାରେ ଅନୁଷ୍ଠିତ ହୋଇଯାଇଛି । ଶନିବାର ପ୍ରଥମ ଦିବସରେ ଅଭ୍ୟର୍ଥନା କମିଟିର ସଭାପତି ନବ କିଶୋର ସାହୁଙ୍କ ଦ୍ୱାରା କୌଳିକ ପତାକା ଉତ୍ତୋଳନ ପୂର୍ବକ ବ୍ରାହ୍ମଣଙ୍କ ଦ୍ୱାରା ହୋମ ଓ ସୂର୍ଯ୍ୟ ଶତକ ପଠନ କରାଯାଇଥିଲା । ସଭାପତି ତ୍ରିନାଥ ସାହୁଙ୍କ ଅଧ୍ୟକ୍ଷତାରେ ସନ୍ଧ୍ୟା ପ୍ରାୟ ୬ଟାରେ ତୈଳିକ ବୈଶ୍ୟ ସମାଜର ଶତାଧିକ ଜାତିଭାଇ ଢୋଲମରା ଗ୍ରାମ ପରିକ୍ରମା କରିଥିଲେ । ଗ୍ରାମର ସାଧବ ବୋହୂମାନେ କଳସ ଓ ଦୀପ ପ୍ରଜ୍ୱଳନ କରି ଜାତିଭାଇମାନଙ୍କୁ ସ୍ୱାଗତ କରିଥିଲେ । ସର୍ବ ସମ୍ମତିକ୍ରମେ ୮୮ତମ ସାଧାରଣ ଅଧିବେଶନ ପାଇଁ ଅନୁଷ୍ଠାନର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା । ନୂତନ ସଭାପତି ଭାବେ ନବ କିଶୋର ସାହୁଙ୍କୁ ମନୋନୀତ ହୋଇଥିବା ବେଳେ ଉପ ସଭାପତି ରବିନ୍ଦ୍ର କୁମାର ସାହୁ, ସମ୍ପାଦକ ରାମଚନ୍ଦ୍ର ସାହୁ, ସହ ସମ୍ପାଦକ ଶରତ ଚନ୍ଦ୍ର ସାହୁ, କୋଷାଧ୍ୟକ୍ଷ ସୁଦାମ ଚରଣ ସାହୁ, ଅର୍ଥ ସମ୍ପାଦକ ନିରଞ୍ଜନ ସାହୁ, ସମୀକ୍ଷକ ଉମାକାନ୍ତ ସାହୁ ଓ ଶିକ୍ଷା ସମ୍ପାଦକ ବିଜୟ କୁମାର ସାହୁ ଏବଂ ମହାସଭା ଅଧ୍ୟକ୍ଷ ବିଦ୍ୟାଧର ସାହୁ, ସହ ସମ୍ପାଦକ ଭାବେ ତ୍ରିନାଥ ସାହୁଙ୍କୁ ଚୟନ କରାଯାଇଛି । ସ୍ଥାନୀୟ ଅଞ୍ଚଳର କୁନି କଳାକାରମାନଙ୍କ ଦ୍ୱାରା ବୋଇତ ବନ୍ଦାଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ କୃତୀ ଛାତ୍ରୀଛାତ୍ର, କନ୍ୟା ବିବାହ ଓ ଅସହାୟମାନଙ୍କୁ ସହାୟତା ରାଶି ପ୍ରଦାନ କରାଯାଇଥିଲା । ରବିବାର ଦ୍ୱିତୀୟ ଦିବସ କାର୍ଯ୍ୟକ୍ରମରେ ଖଣ୍ଡପଡ଼ା ବ୍ଲକର ପୂର୍ବତନ ଅଧ୍ୟକ୍ଷା ସୀତା ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତିଭାଇଙ୍କୁ ଉତ୍ସାହିତ କରିଥିଲେ । ସୁରେଶ ଚନ୍ଦ୍ର ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ ।

# ସମ୍ଭବର ପ୍ରତିଷ୍ଠାତା ସମ୍ପାଦକଙ୍କ ପରଲୋକ

ନୟାଗଡ/ଓଡ଼ଗାଁ, ୨୩।୩ (ଲୋକନାଥ ମିଶ୍ର/ଆଦର୍ଶ କୁମାର ପଟ୍ଟନାୟକ)

ପରିବେଶବିତ୍, ଶିକ୍ଷାବିତ୍ ତଥା ସମ୍ଭବର ପ୍ରତିଷ୍ଠାତା ସମ୍ପାଦକ ରାମକୃଷ୍ଣ ସାହୁଙ୍କର ରବିବାର ସନ୍ଧ୍ୟାରେ ଭୁବନେଶ୍ୱର ଘରୋଇ ହସ୍ପିଟାଲରେ ପରଲୋକ ହୋଇ ଯାଇଛି । ତାଙ୍କୁ ୭୫ ବର୍ଷ ବୟସ ହୋଇଥିଲା । ସାହୁଙ୍କ ଘର ଓଡ଼ଗାଁ ବ୍ଲକର ରଙ୍ଗଣୀପାଟଣାରେ ହୋଇଥିବାବେଳେ ସେ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଭାବେ ଅବସର ଗ୍ରହଣ କରିଥିଲେ । ସେ ଅବିବାହିତ ଥାଇ ନିଜକୁ ଓଡ଼ଗାଁ ବ୍ଲକର ରୋହିବାଙ୍କସ୍ଥିତ ସମ୍ଭବ ଆଶ୍ରମରେ ସମ୍ପାଦକ ଦାୟିତ୍ୱ ନିର୍ବାହ କରୁଥିଲେ । ପଦ୍ମଶ୍ରୀ ସ୍ୱର୍ଗତ ରାଧାମୋହନ ଓ ଝିଅ ପଦ୍ମଶ୍ରୀ ସାବରମତିଙ୍କ ସହିତ ମିଶି ସମ୍ଭବ ଆଶ୍ରମଶରେ ପରିଚାଳନା ଦାୟିତ୍ୱରେ ଅବୈତନିକ ଓ ନିସ୍ୱାର୍ଥପର ଭାବେ ସବୁ କାମ କରି ଆସୁଥିଲେ । ସମ୍ଭବ ଆଶ୍ରମରେ ଦେଶ ବିଦେଶର କୃଷକ ଓ ପରିବେଶବିତଙ୍କୁ ସେ ତାଲିମ ପ୍ରଦାନ କରୁଥିଲେ । ତାଙ୍କ ପରଲୋକରେ ଓଡ଼ଗାଁ ବ୍ଲକ ସମେତ ନୟାଗଡ଼ ଓ ପଡୋଶୀ ଜିଲା ଗଞ୍ଜାମର ଶୋକର ଛାୟା ଖେଳି ଯାଇଛି । ଏହି ଦୁଃଖଦ ଖବର ଜଣାପଡିବା ପରେ ପରିବେଶବିତ୍ ଓ ଚାଷୀମାନେ ମ୍ରିୟମାଣ ହୋଇ ପଡିଛନ୍ତି ।



ରାମକୃଷ୍ଣ ସାହୁ

# ଗୋଡ଼ିପଡ଼ାରେ ଭଗତ ସିଂଙ୍କ ଫାଶୀ ଦିବସ

ନୟାଗଡ଼/ଶରଣକୁଳ, ୨୩।୩
(ଲୋକନାଥ ମିଶ୍ର/ଦୀପକ କର)

ନୟାଗଡ଼ ଜିଲା ଗୋଡିପଡା ସହିଦ ମଣ୍ଡପରେ ଭଗତ ସିଂଙ୍କ ୯୪ତମ ଫାଶୀ ଦିବସ ରବିବାର ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ପ୍ରଥମେ ମହାନ ଦେଶ ଭକ୍ତ ଲାହୋର ଷଡ଼ଯନ୍ତ୍ର ମାମଲାରେ ବ୍ରିଟିଶ ଦ୍ୱାରା ଫାଶୀ ଖୁଣ୍ଟରେ ଝୁଲି ଥିବା ୩ ସହୀଦଙ୍କୁ ସ୍ୟାଲୁଟ ଜଣାଇ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ଭାରତର ଗଣତାନ୍ତ୍ରିକ ଯୁବ ଫେଡେରେଶନ ଦ୍ୱାରା ଅନୁଷ୍ଠିତ କାର୍ଯ୍ୟକ୍ରମରେ ସଙ୍ଗଠନର ପତାକାକୁ ସଙ୍ଗଠନର ରାଜ୍ୟ ସଭାପତି ସରୋଜ ନାୟକ ଉତ୍ତୋଳନ କରିଥିଲେ । ଅନ୍ୟପକ୍ଷେ ଭଗତ ସିଂହ ଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ପରେ ଗୋଡିପଡ଼ା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ରକ୍ତଦାନ ଶିବିରର ଆୟୋଜନ କରାଯାଇଥିଲା । ଶିବିରକୁ ଶରଣକୁଳ ମେଡିକାଲର ଅଧିକାରୀ ଡାକ୍ତର ତାପସ ରଞ୍ଜନ ସେନାପତି ନିଜେ ରକ୍ତଦାନ କରି ଉଦଘାଟନ କରିଥିଲେ ।

ରକ୍ତଦାନ ଉଦଘାଟନ ପରେ ଡାକ୍ତର ବିକାଶ ରଞ୍ଜନ ପତିଙ୍କ ସହିତ ଗୋଡିପଡା ଅଞ୍ଚଳର ୨୪ ଜଣ ମହିଳା ଏବଂ ଯୁବକ ରକ୍ତଦାନ କରିଥିଲେ । ସେହିଭଳି ସନ୍ଧ୍ୟାରେ ଏକ ସାଧାରଣ ସଭା ବିଭୁତି ଭୁଷଣ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ବକ୍ତାମାନେ ଭଗତ ସିଂ, ସୁଖଦେବ ଏବଂ ରାଜଗୁରୁଙ୍କୁ ବ୍ରିଟିଶ ସାମ୍ରାଜ୍ୟବାଦୀ ବିରୋଧୀ ସଂଗ୍ରାମର ଜଣେ ଜଣେ ଅମର ଯୋଦ୍ଧା ବୋଲି କହିଥିଲେ । ସମ୍ପୃକ୍ତ ବିପ୍ଳବୀମାନେ ଦେଶ ପାଇଁ ସାଲିସହୀନ ସଂଗ୍ରାମ କରି ଫାଶୀଖୁଣ୍ଟରେ ଝୁଲି ଦେଶର ସ୍ୱାଧୀନତା ପାଇଁ ଶହୀଦ ହୋଇଥିଲେ । ସ୍ୱାଧୀନତା ସଂଗ୍ରାମର ଏହି ମହାନ ବିପ୍ଳବୀମାନଙ୍କର ତ୍ୟାଗ, ସଂଗ୍ରାମ ଏବଂ ଅମ୍ଳାନ ସ୍ମୃତି ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ଆଜିର ଦିବସ ଯୁବକମାନେ ଦେଶର ଗଣତନ୍ତ୍ର, ଧର୍ମନିରପେକ୍ଷ, ସମାଜବାଦ ଓ ସେମାନଙ୍କ ସ୍ୱପ୍ନର ଭାରତବର୍ଷ ଗଠନ ପାଇଁ ଭଗତ ସିଂ ଆଦର୍ଶରେ ଅନୁପ୍ରାଣିତ ହେବା ଆବଶ୍ୟକ ବୋଲି ବକ୍ତାମାନେ କହିଥିଲେ । ଉକ୍ତ ସଭାରେ ଅଧ୍ୟାପକ ଅନ୍ତର୍ଯ୍ୟାମୀ ପରିଡା, ଶ୍ରମିକନେତା ଗୋଲକ ମୁଦୁଲି, ଯୁବନେତା ବିଭୁପ୍ରସାଦ ମିଶ୍ର, କୃଷକ ନେତା ପବିତ୍ର କୁମାର ଇନ୍ଦ୍ରଜିତ, ମହିଳାନେତ୍ରୀ ଜ୍ୟୋତି ପ୍ରଭା ଜେନା, ଶ୍ରମିକ ନେତା କପିଳ ସାହୁ, ନିରଞ୍ଜନ ସାହୁ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ । ସମାଜସେବୀ ସନ୍ତୋଷ କୁମାର ଷଡ଼ଙ୍ଗୀ ଉକ୍ତ ସଭାକୁ ପରିଚାଳନା କରିଥିଲେ ।



ଭଗତ ସିଂଙ୍କ ପ୍ରତିମୂର୍ତ୍ତିରେ ଅତିଥିମାନେ ମାଲ୍ୟାର୍ପଣ କରୁଛନ୍ତି ।

# ବ୍ୟାଙ୍କ ସମ୍ପାଦକ, ସାଧାରଣ ସଭାକୁ ବିରୋଧ

ନୟାଗଡ଼, ୨୩।୩ (ଲୋକନାଥ ମିଶ୍ର)

ନୟାଗଡ଼ ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ଅଧୀନ ପାକ୍ସ ସଭାପତି ସଂଘର ଗୁରୁତ୍ୱପୂର୍ଣ୍ଣ ବୈଠକ ନୟାଗଡ଼ ବ୍ଲକର ମୁଥାଗାଡ଼ିଆ କଲ୍ୟାଣ ମଣ୍ଡପରେ ରବିବାର ଅନୁଷ୍ଠିତ ହୋଇଯାଇଛି । ପାକ୍ସ ସଂଘ ସଭାପତି ପ୍ରତାପ କୁମାର ମହାନ୍ତିଙ୍କ ଆବାହକତ୍ୱରେ ଅନୁଷ୍ଠିତ ବୈଠକରେ ଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ, ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ରବୀନ୍ଦ୍ର କୁମାର ସାହୁ, ନିର୍ଦ୍ଦେଶକ ସନ୍ୟାସୀ ପ୍ରଧାନ, ଦୁର୍ଯ୍ୟୋଧନ ବେହେରା, ଉପେନ୍ଦ୍ର କୁମାର ସାହୁ, ସଞ୍ଜୟ ଖୁଣ୍ଟିଆ, ସୁପ୍ରିୟା ମହାନ୍ତି, ବାସନ୍ତୀ ପ୍ରଧାନ, ପ୍ରଭାତ କୁମାର ଦଳବେହେରା ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ନୟାଗଡ଼ କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ ପରିଚାଳନା ପରିଷଦ ଓ ସଭାପତିଙ୍କ ଅଗୋଚରରେ ସାଧାରଣ ସଭା ଆହ୍ୱାନ କରାଯିବାକୁ ନେଇ ବୈଠକରେ ଆଲୋଚନା ପାଇଁ ପ୍ରସ୍ତାବ ରଖାଯାଇଥିଲା । ସମବାୟ ବ୍ୟାଙ୍କ କର୍ମଚାରୀଙ୍କ ମନମୁଖୀ କାର୍ଯ୍ୟ ପାଇଁ ଚାଷୀ ଓ ସମିତି କ୍ଷତିଗ୍ରସ୍ତ ହେଉଥିବା ଆଲୋଚନା ହୋଇଥିଲା । ସୁଧ ଲାଭାଂଶକୁ ସମବାୟ ସମିତିକୁ ପ୍ରଦାନ ନ କରି ବ୍ୟାଙ୍କ କାଟି ନେଇଥିବା ଗୁରୁତ୍ୱପୂର୍ଣ୍ଣ ବିଷୟ ଆଲୋଚନା ହୋଇଥିଲା । ବ୍ୟାଙ୍କ ପରିଚାଳନା ପରିଷଦକୁ ନିଲମ୍ବନ ପ୍ରସଙ୍ଗକୁ ଉପସ୍ଥାପନ କରି ସମବାୟବିତ୍ ସନ୍ୟାସୀ ପ୍ରଧାନ ରଣପୁର ବିଧାୟିକା ସୁରମା ପାଢ଼ୀଙ୍କୁ ଟାର୍ଗେଟ କରିଥିଲେ । ରଣପୁର ବିଧାୟିକା ବ୍ୟାଙ୍କ ବୋର୍ଡ଼ ଭାଙ୍ଗିବା ପାଇଁ ସରକାରଙ୍କ ଉପରେ ଚାପ ସୃଷ୍ଟି କରୁଛନ୍ତି ବୋଲି କହିଥିଲେ । ବିନା ତଦନ୍ତ, ବିନା ପ୍ରମାଣରେ ପରିଚାଳନା ପରିଷଦକୁ ନିଲମ୍ବନ କରାଯିବାକୁ ନିନ୍ଦା କରିଥିଲେ । ଉଚ୍ଚ ନ୍ୟାୟାଳୟ ନିଲମ୍ବନ ଆଦେଶ ଉପରେ ସ୍ଥଗିତାଦେଶ ପ୍ରଦାନ କରିଥିବା ବେଳେ ଆର୍ଥିକ କ୍ଷମତା ଜିଲାପାଳଙ୍କୁ ପ୍ରଦାନ କରିଛନ୍ତି । ତେବେ ହାଇକୋର୍ଟ ଆଦେଶକୁ ଅଣଦେଖା କରି ବ୍ୟାଙ୍କ ସମ୍ପାଦକ ମନଇଚ୍ଛା ସାଧାରଣ ସଭା ଆହ୍ୱାନ କରିଛନ୍ତି । ଏହା ସହିତ ଧାନ ମଣ୍ଡି କମିଶନ ଓ ସୁଧ ରିହାତି କମିଶନ ସମିତିରୁ ବ୍ୟାଙ୍କକୁ ନେଇ ଯିବା ଗ୍ରହଣ ଯୋଗ୍ୟ ନୁହେଁ ବୋଲି କହିଥିଲେ ।

ଏଣୁ ବ୍ୟାଙ୍କ ସମ୍ପାଦକଙ୍କୁ ନୟାଗଡ଼ରୁ ବିଦା କରିବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ନିଷ୍ପତ୍ତି ହୋଇଛି । ଏହା ସହିତ ସାଧାରଣ ସଭାରେ ଜୋରଦାର ବିରୋଧ କରାଯିବ ବୋଲି ଆଲୋଚନା କରାଯାଇଛି । ସେହିଭଳି ବ୍ୟାଙ୍କ ସଭାପତି ଓ ପାକ୍ସ ସଭାପତିଙ୍କ ଅଧିକାର କ୍ଷୁର୍ଣ୍ଣ କରିବାକୁ ଉଦ୍ୟମ କରାଯାଉଛି ବୋଲି ନିର୍ଦ୍ଦେଶକ ଉପେନ୍ଦ୍ର ସାହୁ କହିଥିଲେ । ସମବାୟ ଆନ୍ଦୋଳନକୁ ତ୍ୱରାନ୍ୱିତ କରିବାକୁ ହେଲେ ନୟାଗଡ଼ ଜିଲାରେ ଚାଲିଥିବା ସମବାୟର ସ୍ଥିତିକୁ ନେଇ ଆନ୍ଦୋଳନକୁ କରାଯାଉ ବୋଲି ନିର୍ଦ୍ଦେଶକ ଦୁର୍ଯ୍ୟୋଧନ ବେହେରା କହିଥିଲେ । ବୈଠକରେ ପାକ୍ସ ସଭାପତି ସୁଶାନ୍ତ କୁମାର ଜେନା, ରଣପୁର ବିଧାୟିକା ସୁରମା ପାଢ଼ୀ ବ୍ୟାଙ୍କ ପ୍ରତି ରଖିଥିବା ଆକ୍ରୋଶମୂଳକ ମନୋଭାବରୁ କ୍ଷାନ୍ତ ରୁହନ୍ତୁ ବୋଲି କହିଥିଲେ । ଜିଲା ପରିଷଦ ଅଧ୍ୟକ୍ଷ ତାଙ୍କ ଅଭିଭାଷଣରେ ନୀତି ଓ ନିୟମ ଅନୁସାରେ ସମବାୟ ଚାଷୀଙ୍କୁ ଗୁରୁତ୍ୱ ଦେଇ କାର୍ଯ୍ୟ କରିବା ଆବଶ୍ୟକ ବୋଲି କହିଥିଲେ । ଆଜିର ବୈଠକରେ ଶତାଧିକ ପାକ୍ସ ସଭାପତି ଯୋଗ ଦେଇଥିଲେ ।



ପାକ୍ସ ସଭାପତି ସଂଘ ବୈଠକରେ ଯୋଗଦେଇଥିବା କର୍ମକର୍ତ୍ତା ।

## ଜିଲା ପାକ୍ସ ସଭାପତି ସଂଘ ବୈଠକ

